## ସଂକ୍ଷେପରେ

### ଏସ୍‌ଡିଆଇପିଆରଓ ପରୀକ୍ଷାରେ ଲୋଇସିଂହାର ବିନାୟକ ଉତ୍ତୀର୍ଣ୍ଣ

ଲୋଇସିଂହା,୨୬।୪(ଡି.ଏନ.ଏ): ଓଡିଶା ଲୋକସେବା ଆୟୋଗ ଦ୍ୱାରା ହୋଇଥିବା ଓଡିଶା ସୂଚନା ସେବା ୨୦୨୨-୨୩ (ଏସ୍‌ଡିଆଇପିଆରଓ) ପରୀକ୍ଷାର ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ବିନାୟକ ମିଶ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୨୨-୨୩ ପ୍ରଥମ ବର୍ଷ ପାଇଁ ଓଡିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୯ଟି ଏସ୍‌ଡିଆଇପିଆରଓ ପଦ ପାଇଁ ଓପିଏସସି ଦ୍ୱାରା ପରୀକ୍ଷା କରାଯାଇଥିଲା। ଏଥିରେ ବିନାୟକ ସଫଳତା ପାଇଛନ୍ତି। ବିନାୟକ ଯୋଗୀସର୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ମିଶ୍ର ଏବଂ ସୌଦାମିନୀ ମିଶ୍ରଙ୍କ ପୁଅ।


ବିନାୟକ ମିଶ୍ର।

### ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା

ଲୋଇସିଂହା,୨୬।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଧାରଭୂତ କାଳାଂଶରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରିଚାଳନା ସମିତି କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମଙ୍ଗଳବାର ଉଦ୍‌ଘାଟନୀ ଦିବସରେ ପରିଚାଳନା କମିଟି ସଭାପତି ବିମଳଚରଣ ହୋତା ମୁଖ୍ୟ ଅତିଥି, ଶିକ୍ଷାବିତ୍ ନାରାୟଣ ମିଶ୍ର ମୁଖ୍ୟବକ୍ତା, କମଳଲୋଚନ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ମିଶ୍ର ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ।

# ରେଳ ଉପଭୋକ୍ତା ସଂଘର ଆନ୍ଦୋଳନ ଚେତାବନୀ

ବଲାଙ୍ଗୀର ଅଫିସ,୨୬।୪


ବୈଠକରେ ଉପସ୍ଥିତ ବଲାଙ୍ଗୀର ଓ ବରଗଡ ଜିଲା ରେଳ ଉପଭୋକ୍ତା ସଂଘ ସଦସ୍ୟ।

**ଦିଲ୍ଲୀ ରେଳ ଚଳାଚଳ ଦାବି**
■ଭୁବନେଶ୍ୱରରୁ ଗୋଟିଏ ଦିନରେ ଫେରିବା ବ୍ୟବସ୍ଥା ହେଉ
■ବଲାଙ୍ଗୀର, ବରଗଡ ଜିଲାକୁ ଅବହେଳା ଗ୍ରହଣଯୋଗ୍ୟ ନୁହେଁ

ବଲାଙ୍ଗୀର ଓ ବରଗଡ ଜିଲା ରେଳ ଉପଭୋକ୍ତା ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଆଗାମୀ ଦିନରେ ବଡଧରଣର ରେଳ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲା ଆବାହକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ଜିଲାର ରେଳ ଅବ୍ୟବସ୍ଥା ଏବଂ ସରକାରୀ ଅବହେଳା ତଥା ଉଦାସୀନତା ଉପରେ ଆଲୋଚନା କରାଯାଇଥିଲା। ଦୀର୍ଘ ୬୦ ବର୍ଷ ପୁରୁଣା ସମ୍ବଲପୁର-ଟିଟିଲାଗଡ ସେକ୍ସନ କ୍ରମାଗତ ଭାବେ ରେଳ ବିଭାଗ ଦ୍ୱାରା ଉପେକ୍ଷିତ ହୋଇଆସୁଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ରେଳ ସୁବିଧା ନଥିବାରୁ ପଶ୍ଚିମ ଓଡିଶାର ଏହି ପ୍ରାନ୍ତରୁ ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରକୁ ଯାଇ କାମ ସାରି ଫେରିବା ଆସିବା ସମ୍ଭବ ହେଉନାହିଁ। ଫଳରେ ଭୁବନେଶ୍ୱରରେ ରହି ଲୋକେ ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସବୁଦିନ ସକାଳୁ ରାଜଧାନୀ ଭୁବନେଶ୍ୱରକୁ ଓ ଦେଶର ରାଜଧାନୀ ଦିଲ୍ଲୀକୁ ଏହି ଅଞ୍ଚଳରୁ କୌଣସି ସିଧାସଳଖ ଟ୍ରେନର ବ୍ୟବସ୍ଥା ହୋଇନାହିଁ। ରେଳ ଲାଇନର ଦୋହରୀକରଣ ପରେ ଏହି ଦାବିଗୁଡିକ ପୂରଣ କରାଯାଇ ପାରିବ ବୋଲି ପୂର୍ବରୁ ରେଳ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ଆସୁଥିଲେ। ପ୍ରତିଶ୍ରୁତି ସତ୍ତ୍ୱେ ଏବେ ଜଳଯୋଗାଣ ଏବଂ ସଫେଇ କାର୍ଯ୍ୟ ବଲାଙ୍ଗୀରରେ ହେବାର ନାହିଁ ବୋଲି କହିଲେଣି । ଏଣୁ ଅନ୍ୟପନ୍ଥା ନ ଦେଖି ଆଗାମୀ ଦିନରେ ଭୁବନେଶ୍ୱର ସ୍ଥିତ ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସ୍ଥିରୀକୃତ ହୋଇଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଜାରି ରହିବ ଏବଂ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରଫେସର ମିଶ୍ର ପ୍ରକାଶ କରିଛନ୍ତି । ବୈଠକରେ ରେଳ ଉପଭୋକ୍ତ ସଂଘ ତରଫରୁ ଦିବାକର ହୋତା, ହିତେଶ ସାହୁ, ଯୁଧିଷ୍ଠିର ମିଶ୍ର, ଅଶୋକ ଚାନ୍ଦ, ମନୋରଞ୍ଜନ ପୁରୋହିତ, ପ୍ରଭାକର ମିଶ୍ର, ଧର୍ମବ୍ରତ ରଥ, ନାରାୟଣ ପାଢୀ ଏବଂ ବରଗଡ ରେଳ ଉପଭୋକ୍ତ ସଂଘ ସଭାପତି ପ୍ରଦୀପ ଦେବତା, କିଶୋର ଚନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ପଣ୍ଡା, କମଳ ଯୋଷୀ, ଲକି ମିଓ୍ୱନି, ଉଚ୍ଛବ ଚନ୍ଦ୍ର ବେହେରା ତଥା କାର୍ଯ୍ୟକାରିଣୀ ସଭ୍ୟ ଉପସ୍ଥିତ ଥିଲେ। ବରଗଡ ରେଳ ଉପଭୋକ୍ତା ସଂଘ ତରଫରୁ ମଧ ସମର୍ଥନ ଘୋଷଣା କରାଯିବା ସହ ଆଗାମୀ ଆନ୍ଦୋଳନରେ ସକ୍ରିୟ ଯୋଗଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ବୈଠକ ପରେ ସ୍ଥାନୀୟ ବିଧାୟକଙ୍କୁ ଭେଟି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବାକୁ ସ୍ଥିରୀକୃତ ହୋଇଥିଲା।

# ବିଭାଗୀୟ ତଦନ୍ତ ଆରମ୍ଭ

ସଇଁତଳା,୨୬।୪(ଡି.ଏନ.ଏ.)

■ସିଡିପି ସହାୟତା ରାଶି ପ୍ରଦାନରେ ଦୁର୍ନୀତି ଅଭିଯୋଗ
■ଫୋନ ପେ ଯୋଗେ ନେଇଛନ୍ତି ଟଙ୍କା
■ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ: କୃଷି ଅଧିକାରୀ

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କୃଷି ବିଭାଗ ଦ୍ୱାରା ଫସଲ ପରିବର୍ତ୍ତନ କାର୍ଯ୍ୟକ୍ରମ (ସିଡ଼ିପି) ଯୋଜନାରେ ଚାଷୀଙ୍କୁ ମିଳିଥିବା ସହାୟତା ରାଶି ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଟିଟିଲାଗଡ଼ ସିଡ଼ିଓ ସର୍ବେଶ୍ୱର ସାହୁଙ୍କ ନେତୃତ୍ୱରେ ଏଡ଼ିଓ ବିଶେଶ୍ୱର ସାହୁ, ସଇଁତଳା କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀ, ଭିଏଡ଼ବ୍ଲ୍ୟୁ ବନିତା ବାର୍ଲା, କୃଷକ ସାଥୀ ଗୋପାଳ ନନ୍ଦ ଓ ରାମକୃଷ୍ଣ ଭୋଇଙ୍କ ଉପସ୍ଥିତିରେ ଚାଷୀମାନଙ୍କୁ ପଚରାଉଚରା କରଛନ୍ତି।

ଅଭିଯୋଗ ଅନୁସାରେ ସଇଁତଳା ବ୍ଲକ ଶିଶକେଲା ଓ ବେଲଗାଁ ପଞ୍ଚାୟତ ଅଞ୍ଚଳରେ ପନିପରିବା ଚାଷ କରୁଥିବା ଚାଷୀମାନଙ୍କୁ ହେକ୍ଟର ପିଛା ୨୨ହଜାର ଟଙ୍କା ସହାୟତା ରାଶି ଫସଲ ପରିବର୍ତ୍ତନ ଯୋଜନାରେ ପ୍ରଦାନ କରାଯାଇଥିଲା। ତତ୍କାଳୀନ ଭିଏଡ଼ବ୍ଲ୍ୟୁ ଜନୈକ ୱାର୍ଡ଼ ସଭ୍ୟ ଓ ଅନ୍ୟ କେତେଜଣଙ୍କ ସହାୟତାରେ କୁସମଖାଲ ଗ୍ରାମର ଚାଷୀ ହେରାମ ମାଝି, କସ୍ତୁବ ବଗର୍ତ୍ତି, ବିରେନ୍ଦ୍ର ବଗର୍ତ୍ତି, ଇନ୍ଦ୍ର ବଗର୍ତ୍ତି, ରାଜିନ ବଗର୍ତ୍ତିଙ୍କୁ ଭୁଲବଶତଃ ତୁମମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇଯାଇଥିବା କହି ୧୪ହଜାର ଟଙ୍କା ଲେଖାଏ ଫେରାଇଦେବାକୁ କହିଥିଲେ। ତଦନ୍ତ ସମୟରେ ସମ୍ପୃକ୍ତ ଟଙ୍କା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଫୋନ ପେ ଜରିଆରେ ପ୍ରଦାନ କରାଯାଇଥିବା ଚାଷୀମାନେ ତଦନ୍ତକାରୀ ଅଧିକାରୀଙ୍କୁ କହଛନ୍ତି। ଶିଶକେଲା ପଞ୍ଚାୟତ ଅଞ୍ଚଳର ନିର୍ମଳ ନନ୍ଦ, ଲଳିତା ଛତ୍ରିଆ, ତରୁ ଛତ୍ରିଆଙ୍କଠାରୁ ଘଣ୍ଟବାହାଲିର ଜଣେ ୱାର୍ଡ଼ସଭ୍ୟ ଓ ଭୁଏରପଡ଼ାର ଜଣେ ବ୍ୟକ୍ତିଙ୍କ ସହାୟତାରେ ଟଙ୍କା ଅସୁଲି କରାଯାଇଥିବା ଚାଷୀମାନେ କହିଛନ୍ତି। ତତ୍କାଳୀନ ଭିଏଡ଼ବ୍ଲ୍ୟୁଙ୍କୁ ଏ ବିଷୟରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ସଇଁତଳା କୃଷି ଅଧିକାରୀଙ୍କୁ ଏ ବିଷୟରେ ପଚାରିବାରୁ ତଦନ୍ତ ଚାଲିଛି। ଟଙ୍କା ନିଆଯାଇଥିବା ସତ୍ୟ ପ୍ରମାଣିତ ହେଲେ ବିଭାଗ ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସଂସ୍କୃତ ପରିଷଦ ଆନୁକୂଲ୍ୟରେ ଶଙ୍କରାଚାର୍ଯ୍ୟ ଜୟନ୍ତୀ

ବଲାଙ୍ଗୀର ଅଫିସ,୨୬।୪


ସଂସ୍କୃତ ପରିଷଦ ପକ୍ଷରୁ ଶଙ୍କରାଚାର୍ଯ୍ୟ ଜୟନ୍ତୀରେ ଉପସ୍ଥିତ ଅତିଥି, ଆୟୋଜକ।

ବଲାଙ୍ଗୀର ସଂସ୍କୃତ ପରିଷଦ ପକ୍ଷରୁ ସ୍ଥାନୀୟ ଯାଦବ ଭବନ ସଭାଗୃହରେ ନୀଳମଣି ମିଶ୍ରଙ୍କ ସଭାପତିତ୍ୱରେ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରଦୀପ ପ୍ରଜ୍ଜ୍ୱଳନ ସମୟରେ ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀ ମଙ୍ଗଳାଚରଣ ଓ ବେଦପାଠ କରିଥିଲେ। ଡ. ଦୈତାରୀ ପୂଜାରୀ ମଞ୍ଚ ପରିଚାଳନା କରିବା ସହିତ ଭାରତୀୟ ସଂସ୍କୃତି ଓ ଧର୍ମକୁ ଶଙ୍କରାଚାର୍ଯ୍ୟଙ୍କ ଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ଟୀକେଶ୍ୱର ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ, ତିନିରଣ ଓ ପୁରୁଷାର୍ଥ ଚତୁଷ୍ଟୟ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ସହସମ୍ପାଦକ ଧନଞ୍ଜୟ ମିଶ୍ର ଅଦ୍ୱୈତ ସିଦ୍ଧାନ୍ତ ସମ୍ବନ୍ଧରେ ସୂଚନା ଦେଇଥିଲେ। ବଂଶୀଧର ଦାନୀ ତତ୍ତ୍ୱମସି ଓ ବ୍ରହ୍ମୋସ୍ମି ବିଷୟରେ ଆଲୋଚନା କରିଥିଲେ। କୋଷାଧକ୍ଷ ରାଜକିଶୋର ପଣ୍ଡା ସାଂସାରିକ କ୍ଷେତ୍ରରେ ଆଧାତ୍ମିକତା ସୃଷ୍ଟି କରିବାରେ ଶଙ୍କରାଚାର୍ଯ୍ୟଙ୍କ ଗ୍ରନ୍ଥ ଗୁଡିକ କେତେଦୂର ସହାୟକ ତାକୁ ନେଇ ମୋହ ମୁଦ୍‌ଗର ଗ୍ରନ୍ଥର କେତୋଟି ଧାଡି ଆବୃତ୍ତି କରିଥିଲେ। ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସଂସ୍କୃତ ଓ ସଂସ୍କୃତି ପ୍ରତି ଅନୁରାଗୀ ହେବା ସହିତ ସହିତ ପରିଷଦର ମଙ୍ଗଳ କାମନା କରିଥିଲେ। ସହସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୁର୍ଡାରେ ବିଜେଡି କର୍ମୀ ସମ୍ମିଳନୀ

ଲୋଇସିଂହା,୨୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡିର କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗଲପୁର ବ୍ଲକ ଅଞ୍ଚଳର ଜଗବନ୍ଧୁ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୂର୍ବତନ ବ୍ଲକ ବିଜେଡି ସଭାପତି ସହଦେବ ସା, ଭରତଭୂଷଣ ପଧାନ, ସୀତାକାନ୍ତ ସାଏ, ଅନନ୍ତ ସାହୁ, ପ୍ରବୀର ଭୋଇ, ସମିତି ସଭ୍ୟ ଅଜିତ ବେହେରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ୨୦୧୯ ନିର୍ବାଚନ ଭୁଲର ପୁନରାବୃତ୍ତି ନକରି ଦଳକୁ ସଶକ୍ତ, ସୁଦୃଢ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ପଞ୍ଚାୟତସ୍ତରରେ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ବିଭାଜନ କରୁଥିବା ଏବଂ ୨୦୧୯ ସାଧାରଣ ନିର୍ବାଚନ ବେଳେ ଦଳବିରୋଧୀ କାର୍ଯ୍ୟ କରିଥିବା ନେତାଙ୍କ ଆଭିମୁଖ୍ୟକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅପରପକ୍ଷେ ଦଳ ବାହାର ବ୍ୟକ୍ତିଙ୍କୁ ଆଣି ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ୩ ବ୍ଲକରେ ଅଧ୍ୟକ୍ଷ ପଦରେ ବସାଇଥିବାରୁ ଜିଲା ପର୍ଯ୍ୟବେକ୍ଷକଙ୍କ ଉପରେ ବୈଠକରେ ଅସନ୍ତୋଷ ଜାହିର କରିଥିଲେ କର୍ମୀ । ଏ ନେଇ ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରାଙ୍କୁ ପଚାରିବାରୁ ତାଙ୍କୁ କେହି ବୈଠକକୁ ଡାକି ନାହାନ୍ତି କିମ୍ବା କିଏ ଆୟୋଜନ କରିଥିଲା ତାହା ସେ ଜାଣି ନାହାନ୍ତି ବୋଲି କହିଛନ୍ତି।

# ବାଲ୍ୟ ବିବାହକୁ ନା ସଚେତନତା କାର୍ଯ୍ୟକ୍ରମ



ଉପସ୍ଥିତ ଅତିଥିବୃନ୍ଦ ଓ ଜନସାଧାରଣ ଶପଥ ପାଠ କରୁଛନ୍ତି।

ଗୁଡ଼ଭେଲା,୨୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ରାଣୀମାଳ ଗ୍ରାମର ସାପ୍ତାହିକ ବଜାରରେ ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲ୍ୟୁଡିଏସ) ତରଫରୁ ବାଲ୍ୟ ବିବାହକୁ ନାଁ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ଓ ମହିଳା ବିକାଶ ସୋସାଇଟି ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାଶଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଭାକର ଛନ୍ଦ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ଗୁରେଶର ଭୋଇ, ସମ୍ମାନୀତ ଅତିଥିଭାବେ ଘୁନା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଦାଶିବ ମହାନନ୍ଦ ଯୋଗଦେଇଥିଲେ। ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ। ବାଲ୍ୟ ବିବାହକୁ ନାଁ, ସ୍କୁଲ ଯିବାକୁ ହଁ କହିବା। ଝିଅକୁ ୧୮ ବର୍ଷରୁ କମ ଓ ପୁଅକୁ ୨୧ ବର୍ଷରୁ କମରେ ବିବାହ କଲେ ବାଲ୍ୟ ବିବାହ ଭାବରେ ଗଣନା କରାଯାଏ। ବାଲ୍ୟ ବିବାହ କରିବା ଦ୍ୱାରା ପରବର୍ତ୍ତୀ ସମୟରେ ଉଭୟ ଝିଅ ଓ ପୁଅକୁ ସ୍ୱାସ୍ଥ୍ୟଗତ ତଥା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଶିକ୍ଷା ଦ୍ୱାରା ଲୋକମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଅଣାଯାଇ ବାଲ୍ୟ ବିବାହକୁ ରୋକାଯାଇପାରିବ ବୋଲି ମୁଖ୍ୟ ଅତିଥି ଭୋଇ ମତ ଦେଇଥିଲେ। ସମାଜସେବୀ ରାମନାରାୟଣ ଦାଶ ବାଲ୍ୟ ବିବାହକୁ ରୋକିବା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ ଘୁନାର ଶିକ୍ଷକ ତରଣୀ ଭୋଇ, ଲୋକନାଥ ପୁଟା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣକାନ୍ତି ମାଝି, ଲିକି ପଧାନ, ଅଙ୍ଗନୱାଡିକର୍ମୀ ଚଞ୍ଚଳା ସୁନା, ଆଶାକର୍ମୀ ସନ୍ଧ୍ୟା ରଣା, ସଭ୍ୟ ଚନ୍ଦ୍ରଶେଖର ସେଠ, ବିମ୍ବ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଦୀପକ ସେନ ଧରୁଆ ପରିଚାଳନା କରିଥିବାବେଳେ ଶିକ୍ଷକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଶଂସା ସାଉଁଟିଲା ନାଟକ ଅରଣ୍ୟ ଫସଲ

ବଲାଙ୍ଗୀର ଅଫିସ, ୨୬।୪


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ମଞ୍ଚସ୍ଥ ନାଟକ ଅରଣ୍ୟ ଫସଲର କଳାକାର ଓ ନିର୍ଦ୍ଦେଶକ।

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବଲାଙ୍ଗୀରର ଅଗ୍ରଣୀ ନାଟ୍ୟସଂସ୍ଥା ଅନ୍ୱେଷଣର ଚର୍ଚ୍ଚିତ ନାଟକ ଅରଣ୍ୟ ଫସଲ ମଞ୍ଚସ୍ଥ ହୋଇଛି। ନାଟକକୁ ଦର୍ଶକମାନେ ପ୍ରଶଂସା କରିବା ସହ ଏହାର କଥାବସ୍ତୁ ମନୋରଞ୍ଜନଧର୍ମୀ ହୋଇଛି ବୋଲି କହିଛନ୍ତି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଓଡିଶା ନାଟ୍ୟ ସଂଘର ନିୟମିତ ନାଟକ ପରିକ୍ରମାର ଅଂଶ ଭାବରେ ଏହି ନାଟକ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ କରାଯାଇଥିଲା। ଦୁଇଜଣ ବାଲ୍ୟବାନ୍ଧବୀ ବିବାହ ପରେ ନିଜ ସ୍ୱାମୀଙ୍କ ସହ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଦେଖାହୋଇଛନ୍ତି ଏକ ଡାକବଙ୍ଗଳାରେ। ପରେ ସେ ସ୍ଥାନରେ ପହଞ୍ଚିଛନ୍ତି ଆଉ ଜଣେ ବାଲ୍ୟବାନ୍ଧବୀଙ୍କ ପୁରୁଷ ବନ୍ଧୁ । ପରସ୍ପର ଭେଟ ହେବା ପରେ ସେମାନଙ୍କ ଭିତରେ ବିଭିନ୍ନ ପ୍ରକାର ଦ୍ୱନ୍ଦ୍ୱ ଆସିଛି ତାଙ୍କର ମନ, ଭାବନା ଓ ଯୌବନର ଚେତନାକୁ ନେଇ। ଅଥଚ ସମସ୍ତଙ୍କର ମଧ୍ୟରେ ପ୍ରେମ ଯେ ନିବିଡତର ରହିଛି ଏହା ବି ଅନୁଭୂତ ହୋଇଛି। ଏକ ପ୍ରେମଭରା ଆବେଗକୁ ନେଇ ଗତିଶୀଳ ଏହି ନାଟକରେ ଦ୍ୱନ୍ଦରେ ଛଳନାର ସହାୟତା ନେଇ ଚରିତ୍ରମାନେ ବଢିଛନ୍ତି ଓ ଶେଷଦୃଶ୍ୟରେ ଏକ କରୁଣ ଭାବାବେଗରେ ସମାପ୍ତି ଘଟୁଛି। ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଲିଖିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଯୁବ ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତି। ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ବିପିନ ବିହାରୀ ବାରିକ, ଅଶୋକ ଦୀପ, ସଞ୍ଜୀବ କୁମାର ନାଏକ, ରାଶେଶ୍ୱରୀ ଚଣ୍ଡୀ, ଈଶ୍ୱରୀ ବେହେରା ଓ ପଞ୍ଚାନନ ସେଠ। ମଞ୍ଚ ପରିକଳ୍ପନା କରିଥିଲେ ନିଶିଥ ସାହୁ, ବୁଲୁ ବେହେରା ଓ ରାଧେଶ୍ୟାମ ତ୍ରିପାଠୀ। ନାଟକଟି ଦର୍ଶକଙ୍କ ପ୍ରଶଂସା ସାଉଁଟିବା ପରେ କଳାକାରଙ୍କମାନେ ନୂଆ ଅନୁଭବ ନେଇ ଫେରିଥିବା କହିଛନ୍ତି।

# ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପଣ ଉତ୍ସବ

ଖପ୍ରାଖୋଲ, ୨୬।୪(ଡି.ଏନ.ଏ.)

ରୂପାନ୍ତରଣ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ବଲାଙ୍ଗୀର ଜିଲାରେ ୧୦୦ଟି ବିଦ୍ୟାଳୟ ଲୋକାର୍ପିତ ହୋଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପିତ କରିଥିବା ବେଳେ ୫ଟି ସଚିବ ଭି.କେ.ପାଣ୍ଡିଆନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବଲାଙ୍ଗୀର ଜିଲାସ୍ତରୀୟ ଲୋକାର୍ପଣ ଉତ୍ସବ ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଲୋକାର୍ପିତ ହୋଇଥିଲା। ପ୍ରଥମେ ବିଦ୍ୟାଳୟର ଛାତ୍ରୀ ଦୀପାଞ୍ଜଳୀ ବେହେରା ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟ ଅତିଥି ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଜଳସେଚନ ମନ୍ତ୍ରୀ ଟୁକୁନି ସାହୁ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା, ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ପାଟଣାଗଡ ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ଗୁଣନିଧି ନାଏକ, ବିଡ଼ିଓ ବିଜୟ କୁମାର ହୋତା, ବ୍ଲକ ଅଧକ୍ଷା ନିରୂପମା ପଟେଲ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ସାହାଜପାଣି ସରପଞ୍ଚ ପ୍ରଫୁଲ୍ଲ ମାଝି, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ବିଇଓ ସୁରେନ୍ଦ୍ର କୁମାର ପୁରୋହିତ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବର୍ଷକୁ ୨୦୦ଦିନ କାମ ଯୋଗାଅ

ମୁରିବାହାଲ, ୨୬।୪(ଡି.ଏନ.ଏ.)


ସିପିଆଇ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

■ବ୍ଲକ, ତହସିଲ, ବିଇଓ ଅଫିସ ଘେରିଲା ସିପିଆଇ
■ସ୍ଥାୟୀ ପଟ୍ଟା, ୯ଟି ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ଦାବି

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଲାଙ୍ଗୀର ଜିଲ୍ଲା ପରିଷଦ କମିଟି ତରଫରୁ ବିଭିନ୍ନ ସମସ୍ୟା ନେଇ ବୁଧବାର ମୁରିବାହାଲ ବ୍ଲକ, ତହସିଲ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳର ଜିଲ୍ଲା ସଂଯୋଜକ ଗୋପାଳ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ଦୁର୍ଗା ମଣ୍ଡପ ନିକଟରୁ ଏକ ଶୋଭାଯାତ୍ରା ବାହାରି ପ୍ରଥମେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇଥିଲା। ଉପାନ୍ତ ଅଞ୍ଚଳରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉଚିତ ଶିକ୍ଷା, ଆବଶ୍ୟକ ଅନୁସାରେ ଶିକ୍ଷକ ନିଯୁକ୍ତି ପ୍ରଦାନ କରିବାକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ବ୍ଲକ ଅଫିସ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବର୍ଷକୁ ୨୦୦ଦିନ କାମ, ସର୍ବନିମ୍ନ ମଜୁରି ୭୦୦ ଟଙ୍କାକୁ ବୃଦ୍ଧି, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ନ ଦେଇ ନିଜ ଗ୍ରାମରେ ପ୍ରଦାନ, ୫୫ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ କ୍ଷେତ୍ର ମୂଲିଆଙ୍କୁ ମାସିକ ୫ହଜାର ଟଙ୍କା ପର୍ଯ୍ୟନ୍ତ ଭତ୍ତା ପ୍ରଦାନ ଅନ୍ତର୍ଭୁକ୍ତ। ଏହାପରେ ଦଳୀୟ କର୍ମକର୍ତ୍ତା ତହସିଲ ଅଫିସ ଯାଇ ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ଭରତ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବିଗୁଡିକ ମଧ୍ୟରେ ସ୍ଥାୟୀ ପଟ୍ଟା ପ୍ରଦାନ, ୯ଟି ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ, ଜଙ୍ଗଲ ଜମି ଅଧିକା ଆଇନ ଅନୁସାରେ ଆଦିବାସୀଙ୍କୁ ଜମି ପ୍ରଦାନ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ସିଂ ଭୋଇ, ଅର୍ଜୁନ ଖରସେଲ, କମଳ ଲୋଚନ ଭୋଇ, ମାଧବୀ କଲତା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ଅନ୍ୟାୟ ବିରୋଧରେ ଦୁର୍ବାର ଆନ୍ଦୋଳନ ଜାରି ରଖିବ ଯୁବମୋର୍ଚ୍ଚା

**ପଦ୍ମପୁର, ୨୬।୪ (ଡି.ଏନ.ଏ.):** ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଭାଜପା ଯୁବମୋର୍ଚ୍ଚା ପ୍ରଦେଶ ସଂଗଠନ ପକ୍ଷରୁ ଫେବୃଆରୀ ୨୮ ତାରିଖ ବିଧାନସଭା ଘେରାଉ କରାଯାଇଥିଲା। ଏଥିରେ ପୋଲିସ ଉପରେ ଆକ୍ରମଣ ଅଭିଯୋଗ କରି ଯୁବମୋର୍ଚ୍ଚା ପ୍ରଦେଶ ସଭାପତି ଇରାଶୀଷ ଆଚାର୍ଯ୍ୟଙ୍କ ସହ ୨୨ଜଣ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରି ଭୁବନେଶ୍ୱର ଝାରପଡ଼ା ଜେଲରେ ରଖାଯାଇଥିଲା। ଦୀର୍ଘ ୫୪ଦିନ ପରେ ହାଇକୋର୍ଟରୁ ଜାମିନ ମିଳିବା ପରେ ରାଜ୍ୟ ସମ୍ପାଦକ ପ୍ରିତେଶ ବହିଦାର ଏବଂ ଜିଲା ସାଧାରଣ ସମ୍ପାଦକ କୁନାଲ ପାଣିଗ୍ରାହୀ ଜନ୍ମ ମାଟି ପଦ୍ମପୁର ପହଞ୍ଚିଥିଲେ। ଭେଉଁରିଆ ଛକଠାରେ ଭାଜପାର ଶତାଧିକ କାର୍ଯ୍ୟକର୍ତ୍ତା ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଏକ ଖବରଦାତା ସମ୍ମିଳନୀରେ ପ୍ରୀତେଶ କହିଥିଲେ ଯେ, ଯୁବମୋର୍ଚ୍ଚା ପକ୍ଷରୁ ଶୃଙ୍ଖଳିତ କାର୍ଯ୍ୟକ୍ରମ ଥିଲା । ଏହାକୁ ଭଣ୍ଡୁର କରିବା ପାଇଁ ବିଜେଡି ତା'ର ଯୁବ କାର୍ଯ୍ୟକର୍ତ୍ତାମାନଙ୍କୁ ଲଗାଇ ଆକ୍ରମଣ କଲା। ମାତ୍ର ସରକାରଙ୍କ ଇଙ୍ଗିତରେ ପୋଲିସ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ଜେଲ ହାଜତକୁ ପଠାଇ ସ୍ୱର ଚାପି ଦେବାକୁ ଉଦ୍ୟମ କଲା । ସରକାରଙ୍କ ଏ ହୀନ ଉଦ୍ୟମରେ ଯୁବମୋର୍ଚ୍ଚା ଦବିଯିବ ନାହିଁ। ନାରୀ ନିର୍ଯାତନା,ବେକାରୀ ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବିଭିନ୍ନ ସମସ୍ୟା ପାଇଁ ଆଗାମୀ ଦିନରେ ଯୁବମୋର୍ଚ୍ଚା ଦୁର୍ବାର ଆନ୍ଦୋଳନ କରିବ। ଖବରଦାତା ସମ୍ମିଳନୀରେ ସରୋଜ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ସୁନୀଲ ଅଗ୍ରୱାଲ, ଅଶୋକ ମିଶ୍ର, ନିରାକାର ବରିହା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ସମ୍ପନ୍ନ ହେଲା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି, ୨୬।୪(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ବାନ୍ଧୁମୁଣ୍ଡା ଗ୍ରାମରେ ୧୯ ତାରିଖରୁ ଆରମ୍ଭ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି। ଗ୍ରାମରେ ସମଲେଶ୍ୱରୀ, ଶିବ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୮ଦିନ ଧରି ଚାଲିଥିଲା। କର୍ତ୍ତାଭାବେ ସୁରେନ୍ଦ୍ର ପୋଡ, ସୁରୁବାବୁ ପୋଡ, ଗଣେଶ ମେହେର, କାର୍ତ୍ତିକ ମେହେର, ରାଧେଶ୍ୟାମ ମିଶ୍ର ସସ୍ତ୍ରୀକ ଦାୟିତ୍ୱ ନିର୍ବାହ କରିଥିଲେ। ଆଠ ଦିନ ଧରି ମୀନାବଜାର ସହ ରାବଣ ରାଜ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠା ମହୋତ୍ସବରେ ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ଅଶୋକ ପାଣିଗ୍ରାହୀ, ଆଗଲପୁର ପାକ୍ସ ସଭାପତି ବିରସନ ସାହୁ, ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧାକ୍ଷା ରୀନା ଥଇତ ଯୋଗଦାନ କରିଥିଲେ।

### ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା

**ଲୋଇସିଂହା,୨୬।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଧାରଭୂତ କାଳାଂଶରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରିଚାଳନା ସମିତି କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

# କରାମାଡ଼ ବଢ଼ାଇଲା ଚାଷୀଙ୍କ ଦୁଃଖ

- ଉଜୁଡ଼ିଲା ଧାନ ଫସଲ, କ୍ଷତିପୂରଣ ଦାବି କଲେ ଚାଷୀ
- ଜିଲାପାଳ, ସିଡିଏଓଙ୍କୁ ଭେଟିଲେ
- କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୨୬।୪**

ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ମାତ୍ର ଜିଲାରେ ଚାଷ, ଚାଷୀ ସମସ୍ୟା ଅସମାହିତ ହୋଇପଡ଼ିଛି। କେତେବେଳେ ଅନାବୃଷ୍ଟି କିମ୍ବା ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ତ ଆଉ କେବେ ଫସଲରେ ରୋଗପୋକ ଉପଦ୍ରବ ଯୋଗୁ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଗତ ୪ଦିନ ମଧ୍ୟରେ ୨ଦିନ ଜିଲାରେ କରାମାଡ଼ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। କରାମାଡ଼ ପ୍ରଭାବରୁ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ନଷ୍ଟ ହୋଇଯାଇଛି। ଏହାକୁ ନେଇ ଜିଲାର ଚାଷୀମାନେ ଚିନ୍ତିତ ହୋଇ ପଡ଼ିଥିବାବେଳେ କ୍ଷତିପୂରଣ ସହାୟତା ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ଅମାତଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। କ୍ଷତିପୂରଣ ସହାୟତା ନ ମିଳିଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।


ସିଡିଏଓଙ୍କୁ କ୍ଷତିଗ୍ରସ୍ତ ଚାଷୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଜିଲାରେ ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସିଯାଇଛି । ଆସନ୍ତା ମେ ୬ତାରିଖରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନ ମଣ୍ଡିଗୁଡ଼ିକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଅମଳର ଅବ୍ୟବହିତ ପୂର୍ବରୁ କ୍ରମାଗତ କରାମାଡ଼ ହେବା ଯୋଗୁ ଧାନ ଫସଲ ଯଥେଷ୍ଟ ପ୍ରଭାବିତ ହୋଇଛି। କେଣ୍ଡାରୁ ଧାନ ଝଡ଼ି ଜମିରେ ପଡ଼ିଛି। ସେହିପରି କ୍ଷୀର ଢ଼ୋକୁଥିବା ଧାନକେଣ୍ଡା ମଧ୍ୟ ନଷ୍ଟ ହୋଇଯାଇଛି। ଗତ ୨୨ତାରିଖ ସନ୍ଧ୍ୟାରେ ଜିଲାର ଅତାବିରା, ବରଗଡ଼, ବରପାଲି, ବିଜେପୁର ବ୍ଲକର ବିଭିନ୍ନ ଗ୍ରାମରେ କରାମାଡ଼ ହୋଇଥିବା ଧାନ ଫସଲ ପ୍ରଭାବିତ ହୋଇଥିଲା। ସେହି ଫସଲକ୍ଷତିର କ୍ଷୟକ୍ଷତି ଆକଳନ ନ ସରୁଣୁ ମଙ୍ଗଳବାର ସନ୍ଧ୍ୟାରେ ଜିଲାର ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି, ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ ପୁଣି କରାମାଡ଼ ହୋଇଥିଲା। ୪ଦିନ ମଧ୍ୟରେ ୨ଥର କରାମାଡ଼ ଚାଷୀଙ୍କ ଧାନ ଫସଲକୁ ଧୂଳିସାତ୍ କରିଦେଇଛି। କମଗାଁ ପଞ୍ଚାୟତ ଜଡ଼ା ଗ୍ରାମର ଜଣେ ଚାଷୀ ଦୁଷ୍ମନ୍ତ ମହାପାତ୍ର କହିଛନ୍ତି, ଅନ୍ତପାଲି, ଜଡ଼ା, କର୍ଲାଜୁରୀ, ରୁଷିପାଲି, ଜାମବାହାଲି, କମଗାଁ, ଜାମବାହାଲି ଆଦି ଗ୍ରାମରେ କରାମାଡ଼ ଯୋଗୁ ପ୍ରାୟ ୯୦ପ୍ରତିଶତ ଧାନ ଫସଲ ନଷ୍ଟ ହୋଇ ଯାଇଛି। କମଗାଁ ପଞ୍ଚାୟତର ଚାଷୀମାନେ ସବୁଥର ବୀମା ପ୍ରିମିୟମ ଭରୁଛନ୍ତି, ହେଲେ କେବେ ବୀମା କ୍ଷତିପୂରଣ ପାଉନାହାନ୍ତି । କିନ୍ତୁ ଏଭଳି ସ୍ଥଳେ ସରକାର କ୍ଷତିପୂରଣ ନଦେଲେ ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ସେ କହିଛନ୍ତି। ସେହିପରି କମଗାଁ ଗ୍ରାମର ଅନ୍ୟଜଣେ ଚାଷୀ ରବି ନାରାୟଣ ଭୋଇ କହିଛନ୍ତି, ପ୍ରଶାସନ ସଠିକ୍‌ଭାବେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେଉ, ନଚେତ୍ ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେବେ। ଏ ନେଇ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ କହିଛନ୍ତି, କରାମାଡ଼ରେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରାଯାଉଛି। ଆକଳନ ଚୂଡ଼ାନ୍ତ ହେଲେ ତାହା ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ପାଖକୁ ପଠାଇ ଦିଆଯିବ।

### ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୃଷକ ସମାବେଶ

**ବୌଦ୍ଧ,୨୬।୪(ସ୍ୱ.ପ୍ର.)**

ବୌଦ୍ଧ ଆଦର୍ଶ କୃଷକ ବଜାର ପରିସରରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଜିଲାପାଳ ରବୀନ୍ଦ୍ର ନାଥ କହଁର ଅଧ୍ୟକ୍ଷତା କରି କୃଷକ ବଜାରରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜାତୀୟସ୍ତରରେ କୃଷି ମାର୍କେଟିଂ ପାଇଁ ଇ-ନାମ ବ୍ୟବହାର ସମ୍ପର୍କରେ କୃଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସମ୍ପାଦକ ପଟ୍ଟନାୟକ ଓ ମଣ୍ଡି ଆନାଲିଷ୍ଟ ବିଘ୍ନଜିତ ମହାକୁଲ ବିଶେଷଜ୍ଞ ଭାବେ ତାଲିମ ପ୍ରଦାନ କରିଥିଲେ। ଜାତୀୟ କୃଷି ବଜାର ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ୟାନ୍ ଇଣ୍ଡିଆ ଇଲେକ୍ଟ୍ରୋନିକ୍ ବାଣିଜ୍ୟ ପୋର୍ଟାଲ ଇ-ନାମ ଆରମ୍ଭ କରାଯାଇଛି। ଏହାଦ୍ୱାରା ଦେଶରେ କୃଷିଜାତ ଦ୍ରବ୍ୟ ପାଇଁ ଏକିକୃତ ଜାତୀୟ ବଜାର ସୃଷ୍ଟି କରାଯାଇପାରିଛି। କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସୂଚନା ଦୂରତା, ଅସମାନତାକୁ ହଟାଇବା ଏବଂ ପ୍ରକୃତ ଚାହିଦା ଓ ଯୋଗାଣ ଉପରେ ଆଧାର କରି କିପରି କୃଷି ମାର୍କେଟିଂ କରାଯାଇପାରୁଛି ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

## 'ସ୍ୱାସ୍ଥ୍ୟସେବାରେ ଆଶାକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବରଗଡ଼ ଅଫିସ୍,୨୬।୪**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି, ଜନ ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଚାରୁବାଳା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ, ଡା. ବିଭୁତି ଭୂଷଣ ମେହେର, ଡା. ସୁଶାନ୍ତ କର, ଡା. ସରୋଜ କୁମାର ସେଠ, ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମୁରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା ଚିକିତ୍ସାଳୟ କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।

ଆଶାକର୍ମୀମାନେ ତୃଣମୂଳସ୍ତରରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟସେବାର ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଠିକ ସମୟରେ ଗାଁଲୋକଙ୍କୁ ଆବଶ୍ୟକ ସୂଚନା ଓ ମାର୍ଗଦର୍ଶନ ଦେଇ ଡାକ୍ତରଖାନା ପହଞ୍ଚାଇବା, ଗର୍ଭବତୀ ଓ ପ୍ରସୂତୀଙ୍କ ଜୀବନ ରକ୍ଷା କରିବା ସହିତ ଶିଶୁ, ମାତୃ ମୃତ୍ୟୁହାର କମ୍ କରିବାରେ ସେମାନଙ୍କ ଅବଦାନ ପ୍ରଶଂସନୀୟ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ କହିଥିଲେ। ମହାମାରୀ କରୋନା, ଝାଡାବାନ୍ତି, ମ୍ୟାଲେରିଆ, କୁଷ୍ଠ ନିରାକରଣ ସମେତ ବିଭିନ୍ନ ସଂକ୍ରାମକ, ଅଣସଂକ୍ରାମକ ରୋଗରେ ମଧ୍ୟ ଠିକ୍ ସୂଚନା ଏବଂ ପରାମର୍ଶ ଦେବାରେ ଆଶାକର୍ମୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମଞ୍ଚାସୀନ ଅତିଥିବୃନ୍ଦ କହିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉନ୍ନତମାନର ସେବା ପ୍ରଦର୍ଶନ କରିଥିବା ଆଶାକର୍ମୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗାଇସିଲେଟ ବ୍ଲକ ଗୁଦେରପାଲି ଗ୍ରାମର ଲବଙ୍ଗ ସାହୁ, ଅମ୍ବାଭୋନା ବ୍ଲକ ଚିଖିଲି ଗ୍ରାମର ସୈରେନ୍ଦ୍ରୀ ପ୍ରଧାନ, ଝାରବନ୍ଧ ବ୍ଲକ ଭଇଁସାଦର୍ହା ଗ୍ରାମର ଦ୍ରୌପଦୀ ଦଣ୍ଡସେନା, ପାଇକମାଲ ବ୍ଲକ ଲୁହୁରାକୋଟ ଗ୍ରାମର ଭଗବତୀ ଖର୍ସେଲଙ୍କୁ ଶ୍ରେଷ୍ଠ ଆଶାକର୍ମୀଭାବେ ପୁରସ୍କୃତ କରାଯାଇଥିଲା। ଜିଲାର ୧୨ଟି ବ୍ଲକରେ ରହିଥିବା ପ୍ରତ୍ୟେକ ଗାଁ କଲ୍ୟାଣ ସମିତିକୁ ପରିମଳ, ସ୍ୱାସ୍ଥ୍ୟସେବା ପାଇଁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି, ଆଶାକର୍ମୀମାନେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ପରିଚାଳିକା ଦିପାଞ୍ଜଳି ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କୃତ କରାଯାଉଛି ।

### ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ତାଲିମ ଶିବିର

**ବୌଦ୍ଧ,୨୬।୪(ସ୍ୱ.ପ୍ର.)**

ବୌଦ୍ଧ ବନଖଣ୍ଡ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ପକ୍ଷରୁ ଖଣ୍ଡିୟ ପରିଚାଳନା କାର୍ଯ୍ୟାଳୟ ବୈଠକ ଗୃହଠାରେ ଲଘୁ ବନଜାତ ଦ୍ୟବର ପ୍ରକ୍ରିୟାକରଣ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଶିବିରରେ ଏସିଏଫ୍ ଆଶିଷ କହଁର ଓ ଏସ୍‌ଏସ୍‌ଏସ୍ ଶିବଦତ୍ତ ଅଗସ୍ତି ଏହାକୁ ପରିଚାଳନା କରିଥିଲେ। ବୌଦ୍ଧ, ମନମୁଣ୍ଡା ଓ କଣ୍ଟାମାଳ କ୍ଷେତ୍ରାଞ୍ଚଳର କ୍ଷେତ୍ର ସଂଯୋଜକ, ପିଏସ୍‌ଜିଓ (ପାହାଡ)ର କାର୍ଯ୍ୟକର୍ତ୍ତା, ଉକ୍ତ କ୍ଷେତ୍ରାଞ୍ଚଳ ଅନ୍ତର୍ଗତ ବନ ସୁରକ୍ଷା ସମିତିର ୩ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ। ହରିହର ରାଉତ ତାଲିମ ପ୍ରଦାନ କରିଥିଲେ। ନିମରୁ ତିଆରି ହେଉଥିବା ନିମତେଲ, ନିମ ସାବୁନ, ସାମ୍ପୋ, ବଡି ୱାସ ଓ କୀଟନାଶକ ଇତ୍ୟାଦି ପ୍ରସ୍ତୁତି ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରାଯାଇଥିଲା। ତାଲିମ ପାଇବାପରେ ତାଲିମାର୍ଥୀମାନେ ନିଜ ନିଜ ଅଞ୍ଚଳରେ ଏସବୁ ସାମଗ୍ରୀ ତିଆରି କରି ଏହାର ବ୍ୟବସାୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଶେଷରେ ଶିବଦତ୍ତ ଅଗସ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୨୬।୪**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ କଲଙ୍ଗାଡେରା ଗ୍ରାମରେ କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଏବଂ କଲଙ୍ଗାଡେରା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିଷଦ ସଭାପତି ମୋହନ ସିଂହ କହ୍ନେଇ ସଭାପତିତ୍ୱ କରିଥିଲେ । ସଭାରେ ଅବସରପ୍ରାପ୍ତ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ତହସିଲ ସାହୁ ମୁଖ୍ୟ ଅତିଥି, ପହଣ୍ଡି ସରପଞ୍ଚ ନବୀନ ମହାନନ୍ଦ, ଗ୍ରାମ୍ୟ କମିଟି ସଦସ୍ୟ ଭୋଜରାଜ ମେହେର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସାହିତ୍ୟିକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଖଗେଶ୍ୱର ସାହିତ୍ୟର ବିଭିନ୍ନ ଦିଗ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଖଗେଶ୍ୱର ସାହିତ୍ୟର ପ୍ରଚାର ପ୍ରସାର ପାଇଁ ପାଇକମାଳ ଖଗେଶ୍ୱର ସାହିତ୍ୟ ସମିତିର ସମ୍ପାଦକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀଙ୍କୁ ଖଗେଶ୍ୱର ସମ୍ମାନ ପ୍ରଦାନ କରାଯାଇଥିଲା। ସରପଞ୍ଚ ନବୀନ ମହାନନ୍ଦଙ୍କୁ ସାମାଜିକ କର୍ମୀଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁତୋଷ ମେହେର ଏବଂ ଈଶ୍ୱର ମେହେର ମାନପତ୍ର ପାଠ କରିଥିଲେ। କବି ମକରଧ୍ୱଜ ସାହୁ ପରିଚୟ ପ୍ରଦାନ କରିଥିବାବେଳେ ଦିଲ୍ଲୀପ ଦେବତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ରାଜେଶ୍ୱର ମେହେରା ସଭା ସଞ୍ଚାଳନ ଓ ତରଣୀସେନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପରିଷଦର ସହସମ୍ପାଦକ ହୃଦମଣି ସାହୁଙ୍କ ପୌରୋହିତ୍ୟରେ ଏବଂ କବି ମୁନିରାମ କୁମ୍ଭାର, ମରଧ୍ୱଜ ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା । ସରୋଜ ପୁରୋହିତଙ୍କ ପରିଚାଳନାରେ ପହଣ୍ଡି ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ ସମାରୋହରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୬।୪**

ବରଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓଡ଼ିଆ ବିଭାଗରେ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ମୁଖ୍ୟ ଚିକିତ୍ସାଳୟର ଡା. ସତ୍ୟସାଇ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ଯଦୁମଣି ନାଏକ, କୋଷାଧ୍ୟକ୍ଷ ଶିବଶଙ୍କର ମିଶ୍ର, ବରଗଡ଼ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ଉପସ୍ଥିତ ଥିଲେ। କର୍ମଶାଳାରେ ଶିଶୁ ବାଟିକା ବିଭାଗର ୧୦ ଏବଂ ମାଧ୍ୟମିକ ବିଭାଗର ୧୦ଟି ବିଦ୍ୟାଳୟର ୧୧୨ଜଣ ଗୁରୁମା, ଗୁରୁଜୀ ଏବଂ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।।


ସାମୂହିକ ଆଚାର୍ଯ୍ୟ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ବୌଦ୍ଧ,୨୬।୪(ସ୍ୱ.ପ୍ର.)**

ବୌଦ୍ଧ ପୋଲିସ ୧୨ କିଲୋ ଗଞ୍ଜେଇ ଜବତ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ ବୌଦ୍ଧ ଥାନା ଚାନ୍ଦିପୁର ଛକରେ ଚାନ୍ଦିପୁର ଗ୍ରାମର ହରିହର ଜାନି (୨୫) ଏକ ଜରିବ୍ୟାଗରେ ଗଞ୍ଜେଇ ଧରି ବିକ୍ରି କରିବାକୁ ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ୧୨ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୯/୨୩) ରୁଜୁ କରି ହରିହରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# କେନାଲ ପାଣି ଛାଡ଼ିବା ଅବଧି ବଢ଼ାଅ

## କେନାଲ ଏସ୍‌ଡିଓଙ୍କୁ ଦାବିପତ୍ର

**ସରଣ୍ଡା,୨୬।୪(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା କେନାଲ ଉପବିଭାଗ ରେଙ୍ଗାଲି କ୍ୟାମ୍ପ ଅଧୀନ ସେଚାଞ୍ଚଳରେ ମେ ୧ ତାରିଖରେ କେନାଲ ପାଣି ବନ୍ଦ କରାଯିବ। ପୁନଃ ଜୁନ ୩୦ରେ ପାଣି ଛାଡିବା ପାଇଁ ବୁର୍ଲା ଜଳସମ୍ପଦ ବିଭାଜନ ଅଧିକ୍ଷଣଯନ୍ତ୍ରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ହେଲେ ମେ ୧ ତାରିଖରେ ପାଣି ବନ୍ଦ ନ କରି ଆଉ ୧୦ଦିନ ଅଧିକ ପାଣି ଯୋଗାଣ କରିବାକୁ ଦାବି ହୋଇଛି। ଅତାବିରା ବ୍ଲକ ଅଞ୍ଚଳରେ କେନାଲପାଣି ବନ୍ଦ ହେଲେ ଚାଷୀଙ୍କ ଧାନଫସଲ ନଷ୍ଟ ହେବା ସମ୍ଭାବନା ରହିଛି । ୮୦ ପ୍ରତିଶତ ଧାନଫସଲରେ ପାଣିର ଆବଶ୍ୟକତା ଥିବାରୁ ପାଣି ବନ୍ଦ କରିବା ସମୟକୁ ବୃଦ୍ଧି କଲେ ଚାଷୀମାନେ ଉପକୃତ ହେବେ ବୋଲି ଓଡିଶା ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ରେଙ୍ଗାଲିକ୍ୟାମ୍ପ କେନାଲ ଏସଡିଓ ରବିନ୍ଦ୍ର କୁମାର ସେଟୀକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନ ସମ୍ପାଦକ ସୁରେଶ କର୍ଣ୍ଣ, ଉପଦେଷ୍ଟା ସଦସ୍ୟ ସୁରେନ୍ଦ୍ର ସ୍ୱାଇଁ, ସୁବାସ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ଦଶରଥ ଭୋଇ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା କୃଷକ ସଂଗଠନ ସଦସ୍ୟ ।

# ଉନ୍ନତ ପ୍ରଜାତି ଧାନ ଉଦ୍ଭାବନ ପାଇଁ ବିକାଶର ଉଦ୍ୟମ

**ବରଗଡ଼ ଅଫିସ୍,୨୬।୪**

ବରଗଡ଼ ଜିଲାରେ ଚାଷ ପାଇଁ ଉନ୍ନତ ପ୍ରଜାତି ଧାନର ଉଦ୍ଭାବନ ପାଇଁ ସ୍ଥାନୀୟ ବିକାଶ ନିଆରା ଉଦ୍ୟମ ଆରମ୍ଭ କରିଛି। ବିକାଶ ଡିଗ୍ରୀ କଲେଜ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଡ. ଆଲୋକ ରଞ୍ଜନ ସାହୁ ଏବଂ ବସୁଧା(କୋଲକତା)ର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ, ସଂଗ୍ରାହକ ଡଃ ଦେବଲ ଦେବଙ୍କ ମଧ୍ୟରେ ରାଜିନାମା (ଏମଓୟୁ) ସ୍ୱାକ୍ଷରିତ ହୋଇଛି । ଏହି ରାଜିନାମା ବଳରେ ଉଭୟଙ୍କ ମଧ୍ୟରେ ସଂଯୁକ୍ତ ଗବେଷଣା, ଗବେଷଣା ଭିତ୍ତିକ ସନ୍ଦର୍ଭର ପ୍ରକାଶନ ଏବଂ ଉପସ୍ଥାପନା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବରଗଡ଼ ଜିଲାର ପାଣିପାଗ ଓ ମାଟିରେ ଭଲ ଅମଳକ୍ଷମ, ରୋଗପୋକ ବିହୀନ ଉନ୍ନତ ପ୍ରଜାତି ଧାନର ଉଦ୍ଭାବନ କ୍ଷେତ୍ରରେ ଏହା ସହାୟକ ହେବ। ସବୁଜ ବିପ୍ଳବର ଯୁଗରେ କିଭଳି ଚାଷୀ ଅଧିକ ଅମଳ ପାଇବେ ସେହି ଆଶା ରଖି ହାଇବ୍ରିଡ ବିହନକୁ ଚାଷୀମାନେ ଆଦରି ନେଉଛନ୍ତି। ଯାହାଫଳରେ ଦିନକୁ ଦିନ ଦେଶୀ ବିହନ ଅସ୍ତିତ୍ୱ ହରାଇ ବସିଛି । ଡଃ ଦେବ ବର୍ତ୍ତମାନ ସୁଦ୍ଧା ୧୫୦୦ରୁ ଅଧିକ ଦେଶୀ ବିହନ ସଂରକ୍ଷଣ ରଖିଛନ୍ତି । ଏହି ସଂରକ୍ଷିତ ଧାନ ମଧ୍ୟରେ ବରଗଡ଼ରେ କେଉଁ ପ୍ରଜାତିର ଧାନ ହୋଇ ପାରିବ ଏବଂ ଚାଷୀଙ୍କ ଆୟ ବୃଦ୍ଧି, ପରିବେଶ ସନ୍ତୁଳନକୁ ବଜାୟ ରଖି ଉନ୍ନତମାନର ଧାନ ଗବେଷଣା ଦିଗରେ ଉଭୟେ କାମ କରିବେ । ଜଳବାୟୁ ପରିବର୍ତ୍ତନକୁ ଆଖିରେ ରଖି ବନ୍ୟା ଓ ମରୁଡ଼ି ସହଣୀ ଶକ୍ତି ଥିବା ଅଧିକ ଅମଳକ୍ଷମ, ରୋଗପୋକ ଦାଉରୁ ରକ୍ଷା ମିଳୁଥିବା ଏବଂ ଅଧିକ ପୁଷ୍ଟିଯୁକ୍ତ ଧାନ ବିକଶିତ କରିବା ଏହି ରାଜିନାମାର ମୂଳ ଉଦ୍ଦେଶ୍ୟ ବୋଲି ବିକାଶ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି ।

ଉକ୍ତ ୧୫୦୦ରୁ ଅଧିକ ପ୍ରଜାତିର ଧାନକୁ ଗବେଷକ ଡଃ ଆଲୋକ ରଞ୍ଜନ ସାହୁଙ୍କ ସହାୟତାରେ ବରଗଡ଼ ମାଟିରେ ପରୀକ୍ଷା କରିବାକୁ ସ୍ଥିର କରାଯାଇଛି। ଏହାଦ୍ୱାରା ଜିଲାର ଚାଷୀମାନେ ଉପକୃତ ହେବେ ବୋଲି ଆଶା କରାଯାଇଛି। ବିକାଶ ଗ୍ରୁପର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏଭଳି ଚିନ୍ତାଧାରାକୁ ପ୍ରଶଂସା କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଜ୍ଞାନ, କୌଶଳର ଆଦାନ ପ୍ରଦାନ ହେବା ସହିତ ପରବର୍ତ୍ତି ପିଢ଼ିକୁ ଏହା ଅନୁପ୍ରେରିତ କରିବ ବୋଲି ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା କହିଛନ୍ତି । ଉପାଧ୍ୟକ୍ଷ ଆରଏସଭି କ୍ରୀଷ୍ଣା ଯୁବ ବୈଜ୍ଞାନିକ ଡଃ ସାହୁଙ୍କ ପ୍ରତିଭାକୁ ପ୍ରଶଂସା କରିବା ସହିତ ତାଙ୍କ ଅନୁସନ୍ଧାନ କ୍ଷେତ୍ରରେ ଥିବା ଆଗ୍ରହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି ମତ ଦେଇଛନ୍ତି ।


ଡ. ଦେବଲ ଦେବ ।


ଡ. ଆଲୋକ ରଞ୍ଜନ ସାହୁ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଏପ୍ରିଲ ୨୦୨୩



# ଚାଷୀ ମୁହଁରେ ହସ ଫୁଟାଇଛି ରିୱାର୍ଡ ଯୋଜନା

**କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ**

କୁଚିଣ୍ଡା,୨୬।୪(ଡି.ଏନ୍.ଏ.)

ବୈଜ୍ଞାନିକ ପଦ୍ଧତିରେ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ସରକାର ରିୱାର୍ଡ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେହିପରି ଚାଷୀ ନିଜ ଇଚ୍ଛାରେ ଚାଷ କରି ଯେଭଳି ଉପକୃତ ହେବ ସେଥିପାଇଁ ପିଏମ୍‌କେଏସ୍‌ୱାଇ (ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା) କାର୍ଯ୍ୟକାରୀ କରୁଛନ୍ତି। ଏହି ଦୁଇ ଯୋଜନାରେ ଚାଷ କରି କୁଚିଣ୍ଡା ବ୍ଲକର ବହୁ ଚାଷୀ ଲାଭବାନ ହୋଇଥିବା ଦେଖାଯାଇଛି।

ଚାଷ ଜମିର ଉତ୍ପାଦକତା ବୃଦ୍ଧି ଓ ସହନଶୀଳ କୃଷି ପାଇଁ ଜଳବିଭାଜିକା କାର୍ଯ୍ୟକ୍ରମରେ ସରକାର କୁଚିଣ୍ଡା ବ୍ଲକରେ ଏହି ଦୁଇ ଯୋଜନାରେ କୋଟି କୋଟି ଟଙ୍କା ବିନିଯୋଗ କରିଛନ୍ତି। କୁଚିଣ୍ଡା ବ୍ଲକ ମୃତ୍ତିକା ସଂରକ୍ଷଣ ଅଧିକାରୀ ମହେନ୍ଦ୍ର ପାଣ୍ଡେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ରିୱାର୍ଡ ଓ ପିଏମ୍‌କେଏସ୍‌ୱାଇ ଯୋଜନାରେ ଚାଷୀଙ୍କୁ ବିଭିନ୍ନ ଉପାୟରେ ସ୍ୱାବଲମ୍ବୀ କରିବା, ବୈଜ୍ଞାନିକ ପଦ୍ଧତିରେ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା, ମହିଳା ଏସ୍‌ଏଚ୍‌ଜିଙ୍କ ଜୀବିକା ନିର୍ବାହ ପାଇଁ ତାଲିମ ପ୍ରଦାନ ସହ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି । ପିଏମ୍‌କେଏସ୍‌ୱାଇରେ ମହିଳା ଏସ୍‌ଏଚ୍‌ଜିଙ୍କ ପାଇଁ ମାଛଚାଷ, କୁକୁଡା ଚାଷ, ଛେଳି ପାଳନ, ଗୋପାଳନ, ଖଲିଦନା ସିଲେଇ, ବଡି ପାମ୍ପଡ ତିଆରି, ମହୁ ଚାଷ, ଛତୁ ଚାଷ ଆଦି ପାଇଁ ତାଲିମ ପ୍ରଦାନ ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। ପ୍ରାକୃତିକ ସମ୍ପଦର ରକ୍ଷଣାବେକ୍ଷଣ ନିମନ୍ତେ ସରକାର ମୃତ୍ତିକାସଂରକ୍ଷଣ ବିଭାଗ ମାଧ୍ୟମରେ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ଚାଷୀମାନଙ୍କ ପାଖରେ ସଫଳତା ପହଞ୍ଚିପାରୁଛି। ଜଳ ଅମଳ ପ୍ରକଳ୍ପ, କୃଷି ପୋଖରୀ, ନିର୍ଝର ପୁଷ୍କରିଣୀ, ଗତିଶୀଳ ପାଣିର ସୁରକ୍ଷା, ଜମି ଉନ୍ନୟନ, ଉଦ୍ୟାନ କୃଷିରେ ଫଳବୃକ୍ଷ ରୋପଣ, ଢିଲା ପଥର ବନ୍ଧ, ମାଟିବନ୍ଧ, ଚେକଡ୍ୟାମ ଆଦି ବହୁ ଲୋକପ୍ରିୟ ଯୋଜନା ଏବେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ଗୋଛରା, ଲଇଗୁରା, ଉଲୁଣ୍ଡା, ଗୋପାଳପାଲି, ବାଙ୍କେ, ଡୁରେଇକିଲ୍ଲିମାଲ, ଝାରମାଲ, ଠିଆନାଳ, ଡନସନାଡିହି ଆଦି ଗ୍ରାମରେ ଜଳବିଭାଜିକା କମିଟି ଗଠନ କରାଯାଇ ଏହା ମାଧ୍ୟମରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ପୁନଶ୍ଚ ଅନ୍ୟ ଏକ ପର୍ଯ୍ୟାୟରେ କୁର୍ମିମୁଣ୍ଡା, ଭାଲୁବାହାଲ, ଅର୍ଜୁନବାଡ, ରାମତିଲେଇମାଲ, ଖଣ୍ଡୋକଟା, କିଣ୍ଡିରା, କୁରୁରାଚୁଆଁ, କିରାଶାସନ ଆଦି ଗ୍ରାମରେ ଜଳବିଭାଜିକା କମିଟି ଗଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଙ୍କେ ପଞ୍ଚାୟତ ବାବୁମଲଟି ଗ୍ରାମର ଜଗବନ୍ଧୁ କିଷାନ ଓ ଟାଇଁସର ପଞ୍ଚାୟତ କୁଲାଙ୍ଗଯୋର ଗ୍ରାମର ଆଶାରାମ କିଷାନ ଏହି ଯୋଜନାର ସଦ୍‌ବିନିଯୋଗ କରି ସମସ୍ତ ପ୍ରକାର ଚାଷ କରି ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି। ସେହିପରି ବାଙ୍କେ ଫଲସାଚୁଆଁ ଗ୍ରାମର ଗଙ୍ଗାଧରଙ୍କ ଦାସ, ତମନଗୋଡାର ଶେଖର କିଷାନ, ଗୋଛରାର ଉଦିତ ପ୍ରତାପ ଦେଓ, ହୀରାଲାଲ ବେହେରା, ଉଜ୍ଜ୍ୱଳ ସିଂ ପ୍ରମୁଖ ଏହି ଯୋଜନାରୁ ଉପକୃତ ହୋଇଥିବା ମୃତ୍ତିକା ସଂରକ୍ଷଣ ଅଧିକାରୀ ପାଣ୍ଡେ କହିଛନ୍ତି।



ରିୱାର୍ଡ ଯୋଜନାରେ ଫଳବୃକ୍ଷ ରୋପଣ କରିଥିବା ଜଗବନ୍ଧୁ।



ଏହି ଯୋଜନାରେ ଆଶାରାମ କରିଥିବା କୃଷି ପୋଖରୀ।

## ସଂକ୍ଷେପରେ

### ହାଜର ହେଲେନି ସମ୍ବଲପୁର ପୋଷ୍ଟମାଷ୍ଟର

**ଡାକସେବାରେ ଅବହେଳା ନେଇ ଖାଉଟି ଅଦାଲତରେ ମାମଲା**

**କଟକ ଅଫିସ,୨୬।୪:** ଡାକସେବା ଯୋଗାଇବାରେ ଅବହେଳା କାରଣରୁ ସମ୍ବଲପୁର ହେଡ୍ ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟରଙ୍କ ବିରୋଧରେ କଟକ ଖାଉଟି ଅଦାଲତରେ ରୁଜୁ ମାମଲାର ବୁଧବାର ଶୁଣାଣି ହୋଇଛି। ସମ୍ବଲପୁର ପୋଷ୍ଟ ଅଫିସକୁ ଅଦାଲତ ନୋଟିସ ଜାରି କରିଥିଲେ ମଧ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୋଷ୍ଟମାଷ୍ଟର କିମ୍ବା ତାଙ୍କ ତରଫରୁ କେହି ଅଦାଲତରେ ହାଜର ହୋଇନାହାନ୍ତି। ପରବର୍ତ୍ତୀ ଶୁଣାଣି ଜୁନ୍ ୨ ତାରିଖକୁ ଧାର୍ଯ୍ୟ କରାଯାଇଥିବା ଆବେଦନକାରୀ ଡ. ସୁନୀଲ ରଥ ସୂଚନା ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଡ. ରଥ ଗତ ନଭେମ୍ବରରେ ସମ୍ବଲପୁରରୁ ଝାରସୁଗୁଡ଼ାର ମାଲିମୁଣ୍ଡାକୁ ଏକ ସ୍ପିଡ୍ ପୋଷ୍ଟ ପାର୍ସଲ କରିଥିଲେ। ଉକ୍ତ ପାର୍ସଲଟି ଠିକଣାରେ ପହଞ୍ଚିବାକୁ ୨ଦିନ ପରିବର୍ତ୍ତେ ୨୦ ଦିନ ସମୟ ଲାଗିଥିଲା। ଏ ନେଇ ଡ. ରଥ ଡାକ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ ନୋଟିସ ଜାରି କରିଥିଲେ। କିନ୍ତୁ ଡାକ ବିଭାଗ ତରଫରୁ କିଛି ଜବାବ ନ ମିଳିବାରୁ ସେ କଟକ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏକ କେସ୍ (ନଂ. ୫୨/୨୦୨୩) ରୁଜୁ ହୋଇଥିଲା। ଏହି ମାମଲାରେ ସମ୍ବଲପୁର ପୋଷ୍ଟ ମାଷ୍ଟରଙ୍କୁ ୫୦ ହଜାର ଟଙ୍କା ଦଣ୍ଡ ବିଧାନ କରିବା ପାଇଁ ଅଦାଲତଙ୍କୁ ଡ. ରଥ ନିବେଦନ କରିଛନ୍ତି।

### ଛପର ଭାଙ୍ଗି ଘର ଭିତରକୁ ପଶିଲା କାର୍



**କୁଚିଣ୍ଡା,୨୬।୪(ଡି.ଏନ୍.ଏ.):** କୁଚିଣ୍ଡା ଥାନା ବକ୍ସମା ପଞ୍ଚାୟତ ଜମନକିରା(ବି) ଗ୍ରାମରେ ମଙ୍ଗଳବାର ରାତିରେ ଛପର ଭାଙ୍ଗି ଏକ କାର୍ ଘରଭିତରକୁ ପଶିଯାଇଛି। ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଭୋଜପୁର ପଟୁ କୁଚିଣ୍ଡା ଆସୁଥିବା ଏକ୍ସୟୁଭି କାର୍ (ନଂଓଡି୧୫ଆର୍‌୮୫୮୯) ଜମନକିରା (ବି) ୪୯ଜାତୀୟ ରାଜପଥ ପାର୍ଶ୍ୱରେ ଡିଜେଲ ଚାଳିତ ଧାନ ମିଲ୍ କରିଥିବା ସୁଶାନ୍ତ ବାଘଙ୍କ ଆଜବେଷ୍ଟସ୍ ଛପର ଭାଙ୍ଗି ଘର ଭିତରେ ଓଲଟିପଡିଥିଲା। ସୌଭାଗ୍ୟବଶତଃ ଘର ଭିତରେ ଲୋକ ନ ଥିଲେ। କାର୍‌ଟି ନିୟନ୍ତ୍ରଣ ହରାଇ ଏଭଳି ଦୁର୍ଘଟଣାର ଶିକାର ହୋଇଥିବା କୁହାଯାଉଛି। କାର୍ ଚାଳକ କିମ୍ବା ସେଥିରେ ଥିବା ଯାତ୍ରୀଙ୍କ କୌଣସି କ୍ଷତି ହୋଇନାହିଁ। ବୁଧବାର ଏ ନେଇ ଘର ଓ ଗାଡି ମାଲିକଙ୍କ ମଧ୍ୟରେ ଆଲୋଚନା ହୋଇ କ୍ଷତିପୂରଣ ଭରଣା କରାଯିବାର ନିଷ୍ପତ୍ତି ହୋଇଥିବା ଜଣାଯାଇଛି।

### ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା

**ଲୋଇସିଂହା,୨୬।୪(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଧାରଭୂତ କାଳାଂଶରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରିଚାଳନା ସମିତି କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମଙ୍ଗଳବାର ଉଦ୍‌ଘାଟନୀ ଦିବସରେ ପରିଚାଳନା କମିଟି ସଭାପତି ବିମଳଚରଣ ହୋତା ମୁଖ୍ୟ ଅତିଥି, ଶିକ୍ଷାବିତ୍ ନାରାୟଣ ମିଶ୍ର ମୁଖ୍ୟବକ୍ତା, କମଳଲୋଚନ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ମିଶ୍ର ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ରସାନନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବବିତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁର୍ଡାରେ ବିଜେଡି କର୍ମୀ ସମ୍ମିଳନୀ

ଲୋଇସିଂହା,୨୬।୪(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡିର କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗଲପୁର ବ୍ଲକ ଅଞ୍ଚଳର ଜଗବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୂର୍ବତନ ବ୍ଲକ ବିଜେଡି ସଭାପତି ସହଦେବ ସା, ଭରତଭୂଷଣ ପ୍ରଧାନ, ସୀତାକାନ୍ତ ସାଏ, ଅନନ୍ତ ସାହୁ, ପ୍ରବୀର ଭୋଇ, ସମିତି ସଭ୍ୟ ଅଜିତ ବେହେରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ୨୦୧୯ ନିର୍ବାଚନ ଭୁଲର ପୁନରାବୃତ୍ତି ନକରି ଦଳକୁ ସଶକ୍ତ, ସୁଦୃଢ଼ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ପଞ୍ଚାୟତସ୍ତରରେ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ବିଭାଜନ କରୁଥିବା ଏବଂ ୨୦୧୯ ସାଧାରଣ ନିର୍ବାଚନ ବେଳେ ଦଳବିରୋଧୀ କାର୍ଯ୍ୟ କରିଥିବା ନେତାଙ୍କ ଆଭିମୁଖ୍ୟକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

# ଛତିଶଗଡ଼ ଚାଲାଣବେଳେ ମହୁଲଫୁଲ ଜବତ

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ବୁଧବାର ଚଢାଉ କରି ଟ୍ରକ୍‌ରେ ଛତିଶଗଡ଼ ଚାଲାଣ ହେଉଥିବା ମହୁଲଫୁଲ ଜବତ କରିଛି। ଘଟଣାରେ ୨ ଜଣଙ୍କୁ ଗିରଫ କରଯାଇଛି । ସେମାନେ ହେଲେ ବୌଦ୍ଧ ଜିଲା ଘଣ୍ଟପଡା ଥାନା କୋଦିବାହାଲ ଗ୍ରାମର ରଙ୍କନିଧି କାମ୍ପା (୩୯) ଓ ତେନ୍ତୁଲିଖୁଣ୍ଟି ଗ୍ରାମର ମଧୁ ନାଗ (୩୨)। ଏଥିରେ ବ୍ୟବହୃତ ଟ୍ରକ୍ (ଓଡି୧୫ୟୁ-୨୩୦୬) ସହ ୧ କୁଇଣ୍ଟାଲ ୧୬ କେଜି ମହୁଲଫୁଲ ଜବତ ହୋଇଛି। ଟ୍ରକ୍ ଓ ମହୁଲ ଫୁଲ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଗୋଇନ୍ଦା ବିଭାଗ ସୂଚନା ଦେଇଛି । ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଡେପୁଟି କମିଶନର ରାଜେନ୍ଦ୍ର ବୋର୍ଥା କହିଛନ୍ତି, ବରଗଡ ଜିଲା ସୋହେଲାରୁ ଟ୍ରକ୍ ଯୋଗେ ଛତିଶଗଡ ମହୁଲ ଫୁଲ ଚାଲାଣ ହେଉଥିବା ସୂଚନା ଆସିଥିଲା। ଏହାକୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ସୋହେଲାରୁ ଟ୍ରକ୍ ବାହାରିବା ପୂର୍ବରୁ ଟିମ୍ ସଦସ୍ୟ କାବୁ କରି ନେଇଥିଲେ। ଦେଶୀମଦ ତିଆରି ପାଇଁ ଏହି ମହୁଲ ଫୁଲ ନେଉଥିବା ସନ୍ଦେହ ହେଉଛି।



ଜବତ ମହୁଲଫୁଲ ବୋଝେଇ ଟ୍ରକ୍ ଓ ଗିରଫ ୨ ଅଭିଯୁକ୍ତ।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଗୁଡ଼ଭେଲା,୨୬।୪(ଡି.ଏନ୍.ଏ.)

ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ତୁଷୁରା ଥାନା ପୋଲିସ ଚାଣ୍ଡିପଦରର ଗାଁର ମନୋଜ ରଣାଙ୍କୁ ଗିରଫ କରିଛି। ଦଫା ୩୦୨ରେ ଏକ ମାମଲା(୬୯/୨୩)ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମୃତା ଅଞ୍ଜଳି ରଣା(୨୭)ଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଛି। ଅଭିଯୋଗ ଅନୁଯାୟୀ କଳାହାଣ୍ଡି ଜିଲା ଏମ୍.ରାମପୁର ଥାନା ଅଧିନ ଗୋପାଳପୁର ଗ୍ରାମର ଅଞ୍ଜଳି ତିନି ବର୍ଷ ତଳେ ମନୋଜଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ସନ୍ତାନ ଅଛି। ମନୋଜଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ମଙ୍ଗଳବାର ପରିବାର ଲୋକେ ଖାଇ ସାରିବା ପରେ ମନୋଜ ଖେତରେ ଥିବା ଫସଲ ଜଗିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଞ୍ଜଳି ବେକରେ ଶାଢି ଲଗାଇ ଝୁଲୁଥିବା ମନୋଜଙ୍କ ମା ଦେଖିଥିଲେ। ଅଞ୍ଜଳିଙ୍କ ବାପା ତାଙ୍କ ଝିଅକୁ ମନୋଜ ଏବଂ ତାଙ୍କ ବାପା ହତ୍ୟା କରି ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପୋଲିସକୁ ହେଲ୍‌ମେଟର ଆବଶ୍ୟକ ନାହିଁ

**ରେଙ୍ଗାଲି ଅଞ୍ଚଳର ଏକ ଭିଡିଓ ଭାଇରାଲ**

ସମ୍ବଲପୁର,୨୬।୪(ବ୍ୟୁରୋ)

ରାଜ୍ୟ ସରକାର ରାସ୍ତାରେ ମୋଟରଯାନ ଚାଳନା କ୍ଷେତ୍ରରେ କଡା ଆଇନ କରିଛନ୍ତି। ନିୟମ ଉଲ୍ଲଂଘନ କଲେ ଜରିମାନା ଆଦାୟଠାରୁ ଜେଲ ଦଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଏ ନେଇ ଯାଞ୍ଚ ପାଇଁ ଆର୍‌ଟିଓ ସହ ପୋଲିସ ବିଭାଗକୁ ନିର୍ଦ୍ଦେଶ ରହିଛି। ପୋଲିସ ସାଧାରଣ ଲୋକଙ୍କଠାରୁ ହେଲ୍‌ମେଟ ଓ ଅନ୍ୟାନ୍ୟ ନିୟମ ଦର୍ଶାଇ ମୋଟା ଅଙ୍କର ଜରିମାନା ଆଦାୟ କରୁଛି। ହେଲେ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଖୋଦ ପୋଲିସ କର୍ମଚାରୀ ଏହି ନିୟମ ଉଲ୍ଲଂଘନ କରୁଛନ୍ତି। ବିନା ହେଲ୍‌ମେଟରେ ବାଇକ୍ ଓ ସ୍କୁଟି ଚଳାଉଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଥିବା କର୍ମଚାରୀମାନେ ରେଙ୍ଗାଲି ଥାନାର ବୋଲି ଚର୍ଚ୍ଚା ହେଉଛି। ଭିଡିଓ ଦେଖି ସାଧାରଣ ଲୋକେ ଏହାକୁ ନିନ୍ଦା କରୁଛନ୍ତି। ସାଧାରଣ ଲୋକେ ଟିକେ ଭୁଲ କଲେ ପୋଲିସ ଜରିମାନା ଆଦାୟ କରୁଛି। ଏଭଳି କାର୍ଯ୍ୟ ପାଇଁ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି। ରେଙ୍ଗାଲିର ବିଭିନ୍ନ ଛକରେ ସିସିଟିଭି କ୍ୟାମେରା ଲଗାଯାଇଛି। ଏହାକୁ ଯାଞ୍ଚ କଲେ ସବୁ ଜଣାପଡିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଏବେ ପୋଲିସ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ହିଂସା ଘଟଣାରେ ଆଇନଶୃଙ୍ଖଳା ଉପରେ ଫୋକସ କରୁଛି। ସେ ନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ରେଙ୍ଗାଲିରେ ଜଣେ ପୋଲିସ ବିନା ହେଲ୍‌ମେଟରେ ସ୍କୁଟି ଚଳାଉଛନ୍ତି ।

# ୨୮ରେ ସମ୍ବଲପୁରରେ ଖୋଲିବ ଡ୍ରିମହୋମ ଫ୍ଲାଗ୍‌ଶିପ ଷ୍ଟୋର




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ସହର ଅଇଁଠାପାଲି ଛକଠାରେ ଆସନ୍ତା ୨୮ ତାରିଖରେ ଡ୍ରିମ ହୋମ ଫ୍ଲାଗ୍‌ସିପ ଷ୍ଟୋର ଉଦ୍‌ଘାଟନ ହେବ। ଏହାକୁ ଦୃଷ୍ଟିରେ ରଖି ଷ୍ଟୋରରେ ବିଭିନ୍ନ ସାମଗ୍ରୀ ସଜ୍ଜିତ କରାଯାଇଛି। ଲୋକାର୍ପଣ ହେବା ପରେ ଗ୍ରାହକମାନେ କିଣାବିକା କରିପାରିବେ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନୀର ସ୍ୱତ୍ତ୍ୱାଧିକାରୀ ଅଜୟ ସନ୍ତୁକା ଓ ସନ୍ଦିପ ଅଗ୍ରୱାଲ ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ, ଏହି ଶୋରୁମ ପ୍ରାୟ ୩୭୫୦ ବର୍ଗଫୁଟ ବିଶିଷ୍ଟ ରହିଛି। କଟକ, ଭୁବନେଶ୍ୱର ଭଳି ସ୍ଥାନରେ ଥିବା ଷ୍ଟୋର ଗ୍ରାହକଙ୍କ ବିଶ୍ୱାସ ଜିଣିପାରିଛି। ସମ୍ବଲପୁର ଷ୍ଟୋରରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ନିଜସ୍ୱ ଡିଜାଇନ ସମେତ ବିଶେଷ ସଂଗ୍ରହଗୁଡିକ ରହିଛି। ଏଥିରେ ବୁଣା ହେଉଥିବା ବିଭିନ୍ନ ଡିଜାଇନରେ ଶାଢୀ, ପରଦା, ୱାଲ ପେପର, କାରପେଟ, ବେଡରନର୍ସ, ଗାଧୁଆ ସାମଗ୍ରୀ, ମେଟ, ମାଟ୍ରେସ ଆଦି ରହିଛି। ଡ୍ରିମ ହୋମ ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଆଶା ରହିଛି ବୋଲି କହିଥିଲେ। କ୍ଲଥଷ୍ଟୋର ମ୍ୟାନେଜର ଦେବସ୍ମିତା ପଣ୍ଡା ସୂଚନା ଦେଇଥିବାବେଳେ ଷ୍ଟୋର ମ୍ୟାନେଜର ଅଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟରେ ରେଳ ନିରାପତ୍ତା କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଛି। ରେଳ ମଣ୍ଡଳ ପ୍ରବନ୍ଧକ ବିନିତ ସିଂ କର୍ମଚାରୀମାନଙ୍କୁ ସାର୍ଟିଫିକେଟ ଓ ନଗଦ ରାଶି ଦେଇ ଉତ୍ସାହିତ କରିଥିଲେ। ରେଳମଣ୍ଡଳ ପରିଚାଳନା ବିଭାଗର ସତ୍ୟବାନ ବାରିକ, ଷ୍ଟେଶନ ମାଷ୍ଟର ଆର ଆଞ୍ଜେଲେନ ୟାଲୁସ, ଏସ୍.କେ. ଜାଙ୍ଗେଲ, କୋମା ଖାନ, ଶ୍ରୀଜଳନ୍ଧର ପୁରସ୍କୃତ ହୋଇଛନ୍ତି। ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧ୍ୟାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଏସ୍.କେ. ନନ୍ଦ ଉପସ୍ଥିତ ଥିଲେ।



ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ପୁରସ୍କାର ପ୍ରଦାନ କରୁଛନ୍ତି ।

# କଫ ସିରପ୍, ନିଶା ବଟିକା ଜବତ

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳରୁ ଅବକାରୀ ବିଭାଗ ଚଢାଉ କରି ୨୩୦ ବୋତଲ କଫ୍ ସିରପ ସହ ୩ ଶହ ଷ୍ଟ୍ରିପ ନିଶା ବଟିକା ଜବତ କରିଛି। ଏଥିର ସମ୍ପୃକ୍ତ ମହମ୍ମଦ ମୁକ୍ତାରଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ଇନ୍ସପେକ୍ଟର ଶଶୀକାନ୍ତ ଦତ୍ତ କହିଛନ୍ତି, ସୁନାପାଲିର ମହମ୍ମଦ ମୁକ୍ତାର କଫ୍ ସିରପ ଓ ନିଶା ବଟିକା ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ଅବକାରୀ ବିଭାଗର ସଦର ଟିମ୍ ସହ ମିଳିତ ଭାବେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲୁ। ତାଙ୍କଠାରୁ ଏବ ବସ୍ତାରେ ଥିବା କଫ ସିରପ ଓ ନିଶା ବଟିକା ଜବତ ହୋଇଥିଲା। ଅଭିଯୁକ୍ତ ଘରେ ନିଶାଦ୍ରବ୍ୟ ରଖି ବ୍ୟବସାୟ କରିଆସୁଥିବା ତଦନ୍ତରୁ ଜଣାପଡିଛି ବୋଲି ସେ କହିଥିଲେ।



ଅବକାରୀ ବିଭାଗ ଦ୍ୱାରା ଗିରଫ ଅଭିଯୁକ୍ତ ।

# ଶ୍ରେଷ୍ଠ ଷ୍ଟଲ୍ ବର୍ଗରେ ଏମ୍‌ସିଏଲ୍‌କୁ ପ୍ରଥମ ପୁରସ୍କାର

ସମ୍ବଲପୁର,୨୬।୪(ବ୍ୟୁରୋ)

ଝାଡ଼ଖଣ୍ଡ ସେଣ୍ଟ୍ରାଲ୍ କୋଲ ଫିଲ୍ଡସ୍ ଲିମିଟେଡ୍ (ସିସିଏଲ)ରେ ସିଏସ୍‌ଆର ସମ୍ମିଳନୀ ରାଞ୍ଚିଠାରେ ଆୟୋଜିତ ହୋଇଥିଲା। ଏଥିରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଶ୍ରେଷ୍ଠ ଷ୍ଟଲ୍ ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଛି। କାର୍ଯ୍ୟକ୍ରମରେ କୋଇଲା ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ଆର୍ଥିକ ପରାମର୍ଶଦାତା ନିରୁପମା କୋଟ୍ରୁ, ପୂର୍ବତନ ଆଇଏସ୍ ଅଧିକାରୀ ଡ. ସତୀଶ ଅଗ୍ନିହୋତ୍ରୀ, କୋଇଲା ଇଣ୍ଡିଆର ନିର୍ଦ୍ଦେଶକ ସ୍ୱାଧିନ ଡ. ଅରୁଣ ଓରାନ, ସିସିଏଲ୍ ସ୍ୱତନ୍ତ୍ର ନିର୍ଦ୍ଦେଶକ ରମେଶ କୁମାର ସୋନି, ସିଏମ୍‌ଡି ସିସିଏଲ୍ ନିର୍ଦ୍ଦେଶକ ପି.ଏମ୍. ପ୍ରସାଦ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ବକ୍ତା ଭାବେ ଡ. ଭାସ୍କର ଚାଟାର୍ଜୀ, ସୋନମ ୱାଙ୍ଗଚୁକ, ଡା. ପାରୁଲ ଯୋଗ ଦେଇଥିଲେ। ଦୁଇଦିନିଆ ସମ୍ମିଳନୀରେ କୋଇଲା ଇଣ୍ଡିଆ ଏହାର ସହାୟକ ତଥା ଅନ୍ୟାନ୍ୟ ସଂଗଠନ ସମେତ ସିଏସ୍‌ଆର ବିଷୟବସ୍ତୁ ଉପରେ ଏକ ପ୍ରଦର୍ଶନୀ ସ୍ଥାପନ କରିଥିଲା । ଯାହା ମାଧ୍ୟମରେ ସମସ୍ତ କମ୍ପାନୀ ଅଧୀନରେ ଚାଲିଥିବା ଯୋଜନାଗୁଡିକ ଉପସ୍ଥାପନ କରିଥିଲେ। ଜୁରି (ସିଲେକ୍ଟର୍ସ) ଦ୍ୱାରା ବେଷ୍ଟ ଷ୍ଟଲ୍ ବର୍ଗରେ ଷ୍ଟଲଗୁଡିକ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା । ସର୍ବୋତ୍ତମ ଅଭ୍ୟାସ ପ୍ରୟାସରେ ବିଭିନ୍ନ ଗୋଷ୍ଠୀ ସେମାନଙ୍କର ଶକ୍ତି ପଏଣ୍ଟ ଉପସ୍ଥାପନା ଉପସ୍ଥାପନ କରିଥିଲେ। ନିର୍ଦ୍ଦେଶକ (ପର୍ସନାଲ) ହର୍ଷ ନାଥ କହିଥିଲେ, ଏହି ସମ୍ମିଳନୀରେ କୋଇଲା ଇଣ୍ଡିଆର ବିଭିନ୍ନ ସହାୟକ କମ୍ପାନୀରେ କାର୍ଯ୍ୟ କରୁଥିବା ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ ହେବା ଏବଂ ବିଭିନ୍ନ ପ୍ରସଙ୍ଗରେ ବିଚାର କରି ସେମାନଙ୍କର ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଜେନେରାଲ ମ୍ୟାନେଜର (ଏସ୍‌ଡି ଆଣ୍ଡ ସିଏସ୍‌ଆର୍) ବାଲକ୍ରିଷ୍ଣା ଲଡୀ ଧନ୍ୟବାଦ ଅର୍ପଣ କରିଥିଲେ ।




ଏମ୍‌ସିଏଲ୍ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

## ସଂକ୍ଷେପରେ

### କେସିଙ୍ଗା ଏନ୍‌ଏସି ବୈଠକ, ପାରିତ ହେଲା ବଜେଟ

**କେସିଙ୍ଗା,୨୬।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ମାସିକ ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ନୃପରାଜ ଯାଦବ ଏଥିରେ ଅଧକ୍ଷତା କରିଥିଲେ। ମାର୍ଚ୍ଚ ୨୭ରେ ଆଗତ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍‌କୁ ବୈଠକରେ ସର୍ବସମ୍ମତିକ୍ରମେ ମଞ୍ଜୁର କରାଯାଇଥିଲା। ୧୬ କୋଟି ୪୩ଲକ୍ଷ ୧୮ହଜାର ବିଶିଷ୍ଟ ବଜେଟ ଓ ୧୬କୋଟି ୬୪ଲକ୍ଷ ୬୨ହଜାର ୫୩୦ଟଙ୍କାର ବ୍ୟୟ ଅଟକଳକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପରିଷଦବର୍ଗ ମଞ୍ଜୁର କରିଥିଲେ। ଏହି ବୈଠକରେ ଏନ୍‌ଏସିର ୧୨ଟି ୱାର୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏନ୍‌ଏସି ନିର୍ବାହୀ ଅଧିକାରୀ କିରଣ ବେହେରା ବୈଠକ ପରିଚାଳନା କରିଥିଲେ। ଏଥିରେ ୧୨ୱାର୍ଡର ସମସ୍ତ କାଉନସିଲର, ସଭ୍ୟାସଭ୍ୟ ଯୋଗଦେଇଥିଲେ।

### ନାମଯଜ୍ଞ ଉଦ୍‌ଯାପିତ



**ଖଡ଼ିଆଳ,୨୬।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁଠାରେ ଚାଲିଥିବା ୧୬ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଯଜ୍ଞ କର୍ତ୍ତା ଭାବେ ଗ୍ରାମର ସତ୍ୟପ୍ରିୟ ମୁଣ୍ଡ ଓ ତାଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ କାର୍ଯ୍ୟ ସମ୍ପାଦନ କରିଥିଲେ । ନାମଯଜ୍ଞରେ ୮ଗୋଟି ଦଳ ଯୋଗଦାନ କରିଥିବା ବେଳେ ଯଜ୍ଞ କମିଟିର ସଭାପତି ସର୍ବେଶ୍ୱର ପଣ୍ଡା, ସମ୍ପାଦକ ଜେ. ମୁଣ୍ଡଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

**କେସିଙ୍ଗା,୨୬।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ହସ୍ପିଟାଲପଡ଼ାସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳକ ଡ. ସଦାନନ୍ଦ ପୁଟେଲ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ୩୦ରୁ ୬ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଚାଲିବ। ଷୋହଳ ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ରହିଛି। ୩୦ ସନ୍ଧ୍ୟାରେ କଳସ ଯାତ୍ରା, ଅଙ୍କୁରା ରୋପଣ, ମାର୍ଚ୍ଚ ୧ ରେ ଯଜ୍ଞାରମ୍ଭ, ସୂର୍ଯ୍ୟପୂଜା, ଗୋପୂଜା, ଦେବତା ଆବାହନ, ୨ରେ ମଣ୍ଡଳପୂଜା, ନବ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ ରହିଛି। ୩ରେ ଦେବତା ପ୍ରାଣ ପ୍ରତିଷ୍ଠା, ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ୪ରେ ମହାସ୍ନାନ, ଜନ୍ମ ଉତ୍ସବ, ଲକ୍ଷ୍ମୀ ନୃସିଂହ ଦେବ ବିବାହ ଉତ୍ସବ, ବାଳିକାବାଳକଙ୍କ ମୁଣ୍ଡନ ସଂସ୍କାର, ୫ରେ ଚନ୍ଦନଯାତ୍ରା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ପୁରୀରୁ ପଣ୍ଡିତ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବେ। ଭକ୍ତ ଯୋଗ ଦେବାପାଇଁ ପ୍ରଚାର କରାଯାଉଛି। ଲୋକଙ୍କ ରହିବା, ଖାଇବା, ପାନୀୟଜଳର ବ୍ୟବସ୍ଥା କରାଯାଇଛି ବୋଲି ପୁଟେଲ ସୂଚନା ଦେଇଛନ୍ତି।



ନୂଆପଡ଼ା: ଏସ୍‌ପି ଅଫିସ ଘେରାଉ ପାଇଁ ସଂଘର୍ଷ ସମିତିର ସଦସ୍ୟ ଓ ଜନସାଧାରଣ ଶୋଭାଯାତ୍ରାରେ ଯାଉଛନ୍ତି।



ପୋଲିସ ଓ ଆନ୍ଦୋଳନକାରୀ ଧସ୍ତାଧସ୍ତି ।

# ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଏସ୍‌ପି ଅଫିସ ଘେରାଉ

**ନୂଆପଡା ଅଫିସ,୨୬।୪**

**ଡିଗେଶ୍ୱର ହତ୍ୟା ଘଟଣା**

- ଆନ୍ଦୋଳନକାରୀ ଓ ପୋଲିସ ଧସ୍ତାଧସ୍ତି,ଟେକାପଥର ମାଡ଼
- ଜଣେ ପୋଲିସ କର୍ମଚାରୀ ଆହତ



ଆହତ ପୋଲିସ କର୍ମଚାରୀ ।

ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ଅଧୀନ ବିରୋମାଲ ଗାଁର ଡିଗେଶ୍ୱର ବିଭାର ହତ୍ୟା ଘଟଣାର ୨ ମାସ ପୁରିବାକୁ ବସିଥିବା ବେଳେ ଅଦ୍ୟାବଧି ହତ୍ୟାକାରୀକୁ ଧରାଯାଇ ପାରିନାହିଁ। ଏହାଛଡା ଜିଲାରେ ଏହିପରି ଆଉ ୬ରୁ ଊର୍ଦ୍ଧ୍ୱ ମାମଲା ବର୍ଷ ବର୍ଷ ଧରି ପଡି ରହିଛି। ଏହାର କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଯୋଗୁ ପୋଲିସ ପ୍ରଶାସନ ଉପରୁ ଜିଲାବାସୀଙ୍କ ଭରସା ତୁଟିବାରେ ଲାଗିଛି। ଡିଗେଶ୍ୱରଙ୍କୁ ହତ୍ୟା କରାଯାଇଥିଲେ ହେଁ ପୋଲିସ ଏହାକୁ ଦୁର୍ଘଟଣା ରୂପ ଦେଇ ଚୁପ ହୋଇ ବସିଛି। ଏହି ହତ୍ୟା ଘଟଣାର ତଦନ୍ତରେ ପୋଲିସ ନିଷ୍କ୍ରିୟତାକୁ ବିରୋଧ କରି ବୁଧବାର ପୂର୍ବାହ୍ନରେ ନୂଆପଡା ପୋଲିସ ପଡିଆଠାରେ ଏକ ସର୍ବଦଳୀୟ ବିଶାଳ ଜନ ସମାବେଶ ହୋଇଥିଲା। ଏହି ଅବସରରେ ଜନତା ଦରବାର ସଂଘର୍ଷ ସମିତି ଗଠନ କରାଯାଇ ଉକ୍ତ ସମିତି ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆଠାରୁ ଶତାଧିକ ମହିଳା, ପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପୋଲିସ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ଶୋଭାଯାତ୍ରାକାରୀମାନେ ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଘେରାଉ ସମୟରେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି, ଟେକାପଥର ମାଡ ହେବା ସହ ଚପଲ ଫିଙ୍ଗାଫିଙ୍ଗି ମଧ୍ୟ ହୋଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଲାଗି ରହିଥିଲା। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ପଥର ମାଡ ହୋଇଛି। ପରେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ଏସ୍‌ପି ଅଫିସ ପାଖ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ଅବସରରେ ଜନତା ଦରବାର ସଂଘର୍ଷ ସମିତି ପକ୍ଷରୁ ଏକ ଦାବିପତ୍ର ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ପ୍ରଦାନ କରାଯାଇଥିଲା। ଡିଗେଶ୍ୱର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା, ପରିବାରବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ,ଜୋଙ୍କ ଥାନା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ଓ ଘଟଣାର ସିବିଆଇ ତଦନ୍ତ କରାଯିବା ପାଇଁ ଦାବି କରାଯାଇଛି। ଜିଲା ଓକିଲ ସଂଘ ସଭାପତି ତଥା ଭାଜପାର ବରିଷ୍ଠ ନେତା ପ୍ରସନ୍ନ କୁମାର ପାଢୀ, ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି, ଭାଜପା ନେତା ମୁରଲି ସୁନା, ବିଜେଡି ଜିଲା ଉପ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଜିଲା ପରିଷଦ ସଭ୍ୟ ଭରତାଲାଲ ରାଉତ, ଗରିବ ସେନା ସଭାପତି ରବି ମଙ୍ଗରାଜ, ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି, ଶାହରୁଖ ଖାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଦୀର୍ଘ ୩ ଘଣ୍ଟା କାଳ ରାସ୍ତା ଅବରୋଧ କଲା ପରେ ଏସ୍‌ପି ରାଘବେନ୍ଦ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରି ଯାଇଥିଲେ।

ସୂଚନାଯୋଗ୍ୟ, ସଦର ବ୍ଲକ ଜୋଙ୍କ ଥାନା ବିରୋମାଲ ଗାଁର ଡିଗେଶ୍ୱର ବିଭାରଙ୍କ ବିବାହ ଗତ ମାର୍ଚ୍ଚ ୧୦ ତାରିଖରେ ହେବାର ଥିଲା। ସେ ନିଜ ବିବାହ କାର୍ଡ ଦେବା ପାଇଁ ଜଣେ ସାଙ୍ଗ ସହିତ ଛତିଶଗଡ ରାଜ୍ୟର ବାଗବାହାରା ଅଞ୍ଚଳକୁ ମାର୍ଚ୍ଚ ୪ରେ ଯାଇଥିଲେ । ତେବେ ସେହିଦିନ ରାତିରେ ତାଙ୍କୁ କେହି ହତ୍ୟା କରିଥିଲା। ଖରିଆର ରୋଡ ଜେଞ୍ଜରା ଗାଁ ରାସ୍ତା କଡରୁ ପୋଲିସ ଡିଗେଶ୍ୱରଙ୍କ ମୃତଦେହ ଜବତ କରିଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ତରବରିଆ ଭାବରେ ଘଟଣାର ତଦନ୍ତ କରି ଏହାକୁ ଦୁର୍ଘଟଣାର ରୂପ ଦେଇ ଘଟଣାକୁ ଚପାଇବା ପାଇଁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ପରିବାର ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଜନତା ଦରବାର ସଂଘର୍ଷ ସମିତି ଗଠନ କରି ଲୋକେ ରାଜରାସ୍ତାକୁ ଓହ୍ଲାଇଥିଲେ।ଏ ସଂକ୍ରାନ୍ତରେ ଏସ୍‌ପି ରାଘବେନ୍ଦ୍ରଙ୍କୁ ପଚାରିବାରେ ଘଟଣାର ପ୍ରାଥମିକ ତଦନ୍ତ କରାଯାଇଛି। ଏବେ ବି ତଦନ୍ତ ଜାରି ରହିଛି। ସିସି ଟିଭି ଯାଞ୍ଚ ଚାଲିଛି। ଯାଞ୍ଚ ରିପୋର୍ଟ ଆସିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଗୁଡ଼ଭେଲା,୨୬।୪(ଡି.ଏନ.ଏ.)**

ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ତୁଷୁରା ଥାନା ପୋଲିସ ଚାଣ୍ଡିପଦରର ଗାଁର ମନୋଜ ରଣାଙ୍କୁ ଗିରଫ କରିଛି। ଦଫା ୩୦୨ରେ ଏକ ମାମଲା(୬୯/୨୩)ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମୃତା ଅଞ୍ଜଳି ରଣା(୨୭)ଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଛି। ଅଭିଯୋଗ ଅନୁଯାୟୀ କଳହାଣ୍ଡି ଜିଲା ଏମ.ରାମପୁର ଥାନା ଅଧିନ ଗୋପାଳପୁର ଗ୍ରାମର ଅଞ୍ଜଳି ତିନି ବର୍ଷ ତଳେ ମନୋଜଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ସନ୍ତାନ ଅଛି। ମନୋଜଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ମଙ୍ଗଳବାର ପରିବାର ଲୋକେ ଖାଇ ସାରିବା ପରେ ମନୋଜ ଖେତରେ ଥିବା ଫସଲ ଜଗିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଞ୍ଜଳି ବେକରେ ଶାଢି ଲଗାଇ ଝୁଲୁଥିବା ମନୋଜଙ୍କ ମା ଦେଖିବାକୁ ପାଇଥିଲେ। ଅପରପକ୍ଷରେ ଅଞ୍ଜଳିଙ୍କ ବାପା ତାଙ୍କ ଝିଅକୁ ମନୋଜ ଏବଂ ତାଙ୍କ ବାପା ହତ୍ୟା କରି ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ସଟ୍ଟା ଚଢ଼ାଉ, ଜଣେ କୋର୍ଟ ଚାଲାଣ

**ଜୁନାଗଡ଼,୨୬।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଗୌଡ଼ଛେଣ୍ଡିଆ ଗ୍ରାମରେ ପୋଲିସ ଚଢ଼ାଉ କରି ବୁଧବାର ଜଣେ ସଟ୍ଟା ଖେଳେଉଥିବା ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଞ୍ଚାନନ ଶବର। ତାଙ୍କ ନିକଟରୁ ପୋଲିସ ସଟ୍ଟା ପଟି ସହ ୧୬୦ଟଙ୍କା ଜବତ କରିଛି। ଅନ୍ୟପକ୍ଷରେ,ଗଦିବାଲା ସ୍ୱରୂପ ମେହେରଙ୍କଠାରୁ ୧୦ ଶତକଡ଼ା କମିଶନ ନେଇ ପଞ୍ଚାନନ ସଟ୍ଟା ଖେଳେଉଥିବା ଜଣାପଡ଼ିଛି। ପୋଲିସ ସ୍ୱରୂପଙ୍କୁ ଖୋଜୁଥିବା ସୂଚନା ଦେଇଛି।

# ୨ ପଞ୍ଚାୟତରେ କୃଷି ସେବା ସମବାୟ ସମିତି ଉଦ୍‌ଘାଟନ

**କୋକସରା,୨୬।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଓ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତରେ ବୁଧବାର ନୂତନ କୃଷି ସମବାୟ ସମିତି ଉଦ୍‌ଘାଟନ ହୋଇଛି। ମୋଟେରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇ କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କୃଷି ଓ କୃଷକଙ୍କ ପାଇଁ ସେବା ସମବାୟ ସମିତି ମେରୁଦଣ୍ଡ ସଦୃଶ। ରାଜ୍ୟ ସରକାର କୃଷକଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଯୋଗାଇଦେଉଛନ୍ତି ବୋଲି ସେ କହିଥିଲେ। ଏଥିସହ ବିହନ, ସାର ସବ୍‌ସିଡିରେ ଯୋଗାଇଦେଉଛନ୍ତି। ଚାଷୀଙ୍କ ଉପାର୍ଜିତ ଶସ୍ୟ ମଧ୍ୟ ସମବାୟ ସମିତି ଜରିଆରେ କ୍ରୟ ହେଉଛି। ଚାଷୀଙ୍କ ସୁଖଦୁଃଖର ସାଥୀ କୃଷି ସମବାୟ ସମିତି। ଚାଷୀମାନେ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତାଭାବେ ଭବାନୀପାଟଣା କେନ୍ଦ୍ର ସମବାୟ ସମିତି ସଭାପତି ଗିରୀଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି କୋକସରା ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ, ଏସ୍‌ଏଆରସିଏସ ଧର୍ମଗଡ଼ ବିଶାମିତ୍ର ସିଂ, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତୀ ପୂଝାରୀ, ନୂତନ ସମିତି ସଭାନେତ୍ରୀ ସରସ୍ୱତୀ ପଟେଲ, ମୋଟେର ସରପଞ୍ଚ ବାସନ୍ତୀ ନାୟକ, ସମିତି ସଭ୍ୟା ଉଆଁସୀ ପାନ, ଆବାହିକା ମଞ୍ଜୁଳତା ବାଗ, ମୋଟେର ଗ୍ରାମ ଗୌନ୍ତିଆ ଫକୀର ପାଟଯୋଷୀ, ସାମାଜିକ କର୍ମୀ ଅଶୋକ ଅଗ୍ରୱାଲ, ସୁବ୍ରତ ପାଟଯୋଷୀ, ରୋହନ ପାଟଯୋଷୀ, ଡମ୍ବରୁଧର ପାଣିଗ୍ରାହୀ, ଦୁଷ୍ମନ୍ତ ପାଟଯୋଷୀ ସମେତ ଚାରବାହାଲ ପ୍ୟାକ୍ସ ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡା, ମୋଟେର ମଣ୍ଡି କ୍ରୟ ଅଧିକାରୀ ମୋହିତ ବେହେରା ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସେହିପରି ବଡ଼ପୋଡ଼ାଗୁଡ଼ାରେ କୃଷି ସମବାୟ ସମିତି ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥିଭାବେ ଆମପାଣି ପେକ୍ସ ସଭାପତି ବିରଞ୍ଚି ନାରାୟଣ ପଣ୍ଡା, ମୁଖ୍ୟ ବକ୍ତା କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ପ୍ୟାକ୍ସ ଉପ ସଭାନେତ୍ରୀ ତିଳୋତ୍ତମା ନାୟକ, ସରପଞ୍ଚ ଯମୁନା ନାୟକ, ନୂତନ ସେବା ସମବାୟ ସମିତି ସଭାନେତ୍ରୀ ଦୁତିକା ନାୟକ, ସଙ୍ଗଠକ ଗୋବର୍ଦ୍ଧନ ନାୟକ, ଭଜମନ ନାୟକ, ମନୋଜ ଦାସ, ହରିଶ୍ଚନ୍ଦ୍ର ନାୟକ, ଛବିଲାଲ ବାଗ, ଖଗେଶ୍ୱର ସୁନା, ଧର୍ମାନନ୍ଦ ନାୟକ, ଲିଙ୍ଗରାଜ ରାଠୋଡ଼ ସମେତ ଅଞ୍ଚଳର ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି କୃଷି ସେବା ସମବାୟ ସମିତି ଉଦ୍‌ଘାଟନ କରୁଛନ୍ତି।

### ରାସ୍ତା ମଝିରେ ଖାଲ: ଯାତାୟାତରେ ସମସ୍ୟା



ରାସ୍ତାରେ ହୋଇଥିବା ଖାଲ।

**ଖଡ଼ିଆଳ,୨୬।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଏନଏସିର ୱାର୍ଡ ନମ୍ବର ୮ ରଜାପଡା ରକ୍ତାମ୍ବରୀ ମନ୍ଦିର ରାସ୍ତା ମଝିରେ ଖାଲ ସୃଷ୍ଟି ହୋଇଛି। ଫଳରେ ଯାନବାହାନ ଚଳାଚଳରେ ସମସ୍ୟା ହେଉଥିବା ବେଳେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ସହର ମଧ୍ୟରେ ଥିବାରୁ ସବୁବେଳେ ବ୍ୟସ୍ତ ରହୁଛି। କିନ୍ତୁ ରାସ୍ତାର ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଫଳରେ ଛୋଟ ବଡ ଖାଲ ଖମା ବଢି ଚାଲିଛି। ଏପରିକି ସ୍ଥାନୀୟ ଲୋକେ ପୂର୍ବରୁ ଭଙ୍ଗା ଇଟା, ପଥର ଦେଇ ଖାଲକୁ ପୋତି ଦେଇଥିବା ବେଳେ ବର୍ତ୍ତମାନ ପୁଣି ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଖଡ଼ିଆଳ ସହରରୁ ସିନାପାଲି ଯିବାକୁ ହେଲେ ବାଇପାସ୍ ରାସ୍ତା ଭାବରେ ବ୍ୟବହାର ହେଉଛି। କିନ୍ତୁ ରାସ୍ତା ମଝିରେ ଖାଲ ଯୋଗୁ ଭାରୀଯାନ ବହୁତ ଅସୁବିଧାରେ ଯିବା ଆସିବା କରୁଛି। ଯଥାଶୀଘ୍ର ରାସ୍ତା ମରାମତି କରିବାକୁ ଦାବି ହେଉଛି।

# ହିଙ୍ଗୁଳାଙ୍କ କଚେରିରେ ଶରଣାଗତ ହେଲେ ମାନସିକଧାରୀ

**କୋକସରା,୨୬।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡ଼ାରେ ଦେବୀ ହିଙ୍ଗୁଳାଙ୍କ ପଞ୍ଚ ବାର୍ଷିକ ଖନ୍ଦା ଚଲା ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଧର୍ମଗଡ଼, ଜୟପାଟଣା ଓ କଳମପୁର ବ୍ଲକର ୩୦ ଗ୍ରାମରୁ ଯୋଗଦେଇଥିବା ଅନ୍ୟ ପାର୍ଶ୍ୱଦେବଦେବୀ ମା' ପେଣ୍ଡ୍ରାଣୀ, ସମଲେଇ, ମହାପାତ୍ରୋକରି, କୋଉଡ଼ିଆ ଓ ଅନ୍ୟାନ୍ୟ ଦେବଦେବୀ କଚେରିରେ ଉପସ୍ଥିତ ରହି ମାନସିକଧାରୀଙ୍କ ଅଳି ଅର୍ଦ୍ଦଳି ଅଭିଯୋଗ ଶୁଣାଣି କରି ତାର ନିଷ୍କର୍ଷ ପାଇଁ ଉପାୟ ଦେଇଥିଲେ। କୋର୍ଟ ବସିବା ପୂର୍ବରୁ ଗ୍ରାମର ମୁଖ୍ୟ ପୂଜକ ଲିଙ୍ଗରାଜ ମୁଲକିଆ ଦେବଦେବୀଙ୍କୁ ପୂଜାପାଠ କରି ମନ୍ତ୍ରରେ ଆବାହନ କରିବାପରେ ଶିରାମାନଙ୍କ ଦେହରେ ଦେବଦେବୀଙ୍କ କାଳିସି ଲାଗିଥିଲା। ପରେ ଆରମ୍ଭ ହୋଇଥିଲା କଚେରିରେ ଜନଶୁଣାଣି। ଦେବଦେବୀଙ୍କ ନିକଟରେ ଶରଣାପନ୍ନ ହୋଇ ନିଜର ମାନସିକ ରୋଗ, ବୈରାଗ, ଦୁଃଖକଷ୍ଟ, ପରିବାର ମଧ୍ୟରେ ରହିଥିବା ଅଶାନ୍ତି, ପୁତ୍ର ସନ୍ତାନ ମାନସିକ ପୂରଣ ପାଇଁ କୋର୍ଟରେ ଦେବଦେବୀଙ୍କୁ ଗୁହାରି କରିଥିଲେ। ମା' ହିଙ୍ଗୁଳାଙ୍କ ନିକଟରେ ମାନସିକ ରୋଗୀ ଓ ଅପୁତ୍ରିକ ମହିଳାମାନେ ଗୁହାରି କଲେ ତାଙ୍କ ମନସ୍କାମନା ପୂରଣ ହୁଏ ବୋଲି ଅଗାଢ଼ ବିଶ୍ୱାସ ରହିଛି। ଦେବଦେବୀଙ୍କ କଚେରିରେ ହାଜର ହେବାକୁ ଜିଲା ତଥା ନବରଙ୍ଗପୁର, ଛତିଶଗଡ଼ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତେ ନିଜ ଦୁଃଖ ଜଣାଇଥିଲେ ଏବଂ ଉପଚାର ମଧ୍ୟ ପାଇଥିଲେ। ଏହି କଚେରିକୁ ଡେଙ୍ଗାଗୁଡ଼ା ଗ୍ରାମ୍ୟ ପୂଜା କମିଟି ପକ୍ଷରୁ ମଲ୍ଲିକ ପ୍ରସାଦ ନାୟକ, କ୍ଷୀରସିନ୍ଧୁ ଛାତ୍ରିଆ, କ୍ଷେତ୍ରରାମ ପାତ୍ର, ରଜନୀକାନ୍ତ ନାୟକ, ବେଣୁଧର ନାୟକ, ଶମ୍ଭୁଶ୍ୱର ନାଗ, ମାଧବ ଧ.ମାଝୀ, ଦୁର୍ଲଭ ଦାସ, ରାଜେନ୍ଦ୍ର ଛାତ୍ରିଆ, ସୁଶୀଳ ନାୟକ, ଦୁଷ୍ମନ୍ତ ଜୁଏଡ଼, ନରେନ୍ଦ୍ର ବାଗ ଏବଂ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।



ମା' ହିଙ୍ଗୁଳାଙ୍କ କଚେରରେ ଶରଣାଗତ ମାନସିକଧାରୀ।

# ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଜିଆର୍‌ଏସ୍‌ଙ୍କ ବଦଳି ବାତିଲ

**କର୍ଲାମୁଣ୍ଡା,୨୬।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆରଏସ୍)ଙ୍କୁ ବ୍ଲକର ଅନ୍ୟ ପଞ୍ଚାୟତକୁ ବଦଳି ବିଜ୍ଞପ୍ତି ପ୍ରକାଶ ପରେ କେତେକ ପଞ୍ଚାୟତରେ ସରପଞ୍ଚ ଓ ଜନସାଧାରଣ ଅସନ୍ତୋଷ ପ୍ରକାଶ କରି ବଦଳିକୁ ବାତିଲ ଦାବି କରିଥିଲେ। ଜିଆର୍‌ଏସ୍‌ଙ୍କ ବଦଳିକୁ ନେଇ ଥିବା ସରକାରଙ୍କ ନିୟମକୁ ଜିଲା ପ୍ରଶାସନର ଦୃଷ୍ଟି ଆର୍କଷଣ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଜିଆର୍‌ଏସ୍‌ଙ୍କ ବଦଳି ବାତିଲ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ,ଏହି ବ୍ଲକର ୧୨ଟି ପଞ୍ଚାୟତ ଥିବା ବେଳେ ୧୧ ଜଣ ଜିଆର୍‌ଏସ୍ ଅଛନ୍ତି। ରାଜପୁର, ରିଷିଡ଼ା, ଗଜବାହାଲ, ରେଗଡ଼ା ପଞ୍ଚାୟତ ଜିଆର୍‌ଏସ୍‌ଙ୍କୁ ବଦଳି କରାଯାଇନଥିବା ବେଳେ କର୍ଲାମୁଣ୍ଡା ଜିଆର୍‌ଏସ୍ ଶିବ କୁମାର ଭୋଇଙ୍କୁ ରିଞ୍ଜା ପଞ୍ଚାୟତ, ବୋରପଦର ପଞ୍ଚାୟତ ଜିଆର୍‌ଏସ୍ କ୍ଷମାନିଧି ସାହୁଙ୍କୁ ଯୋରାଡବ୍ରା ପଞ୍ଚାୟତ, ପୌରକେଲା ପଞ୍ଚାୟତ ଜିଆର୍‌ଏସ୍ ଗଜାନନ ଗହିରଙ୍କୁ ବୋରପଦର ପଞ୍ଚାୟତ, ତେରେସିଂହା ପଞ୍ଚାୟତ ଜିଆର୍‌ଏସ୍ ରାଷ୍ଟ୍ରପତି ସାହୁଙ୍କୁ ସ.ମାଲପଡ଼ା ପଞ୍ଚାୟତ, ରିଞ୍ଜା ପଞ୍ଚାୟତ ଜିଆର୍‌ଏସ୍ ଉମେଶ ସୁନାଙ୍କୁ କର୍ଲାମୁଣ୍ଡା ପଞ୍ଚାୟତ, ଯୋରାଡ଼ବ୍ରା ପଞ୍ଚାୟତ ଜିଆର୍‌ଏସ୍ ଗୁଣନିଧି କୁମାରଙ୍କୁ ସାପଲହରା ପଞ୍ଚାୟତକୁ ବଦଳି କରାଯାଇଥିଲା। ରିଷିଡ଼ା ଜିଆର୍‌ଏସ୍‌ଙ୍କୁ ପୌରକେଲା ପଞ୍ଚାୟତ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଡିଓଙ୍କ ସ୍ୱାକ୍ଷରିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସରପଞ୍ଚ ଓ ଜନସାଧାରଣ ବଦଳି ପ୍ରକ୍ରିୟାକୁ ବିରୋଧ କରି ସୋମବାର ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ରିଞ୍ଜା ସରପଞ୍ଚ ପଞ୍ଚାନନ ବାଗ, ସମିତିସଭ୍ୟ ଆନନ୍ଦ ନାଗଙ୍କ ସମେତ କର୍ଲାମୁଣ୍ଡା ପଞ୍ଚାୟତ ଓ ସାପଲହରା ପଞ୍ଚାୟତ ପ୍ରତିନିଧି ବଦଳିକୁ ବାତିଲ କରିବା ପାଇଁ ବିଡିଓଙ୍କ ସାକ୍ଷାତ ପାଇଁ ଅପେକ୍ଷା କରିଥିଲେ ହେଁ ସାକ୍ଷାତ ହୋଇପାରି ନଥିଲା। ପଞ୍ଚାନନ ବାଗ ବିଡିଓଙ୍କୁ ଫୋନ କରିବାରୁ ଜିଆର୍‌ଏସ୍ ବଦଳି ବାତିଲ ବିଷୟକୁ ଛାଡ଼ି ଅନ୍ୟ କିଛି କହିବାର ଅଛି କୁହ ବୋଲି କହିଥିଲେ। ଅନ୍ୟପଟେ ପୌରକେଲା ପଞ୍ଚାୟତରେ ସ୍ଥାୟୀ ପିଇଓ ନଥିବା ବେଳେ ଜିଆରଏସଙ୍କୁ ବଦଳୀ କରାଯାଇ ରିଷିଡ଼ା ଜିଆର୍‌ଏସ୍ ଶିଶିର ଗହୀରଙ୍କୁ ପୌରକେଲା ପଞ୍ଚାୟତ ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବିଷୟକୁ ନେଇ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିବା ସହ ଲିଖିତଭାବେ ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏନେଇ ବିଡିଓଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା। ଅନ୍ୟପଟେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଯଦି କୌଣସି ଜିଆର୍‌ଏସ୍‌ଙ୍କ ବଦଳି କରାଯିବ ତେବେ ବିଡିଓ ଏବଂ ଜିଲାପାଳଙ୍କୁ ଜଣାଇବାକୁ ହେବ। ଜିଲାପାଳ ଜିଆରଏସଙ୍କ ବଦଳି କରିବାର କ୍ଷମତା ରହିଥିଲେ ହେଁ ଏହି ବ୍ଲକରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଥିଲା।



OFFICE OF THE PANCHAYAT SAMITI, KARLAMUNDA

NO 1311 / DATE 21.04.23 /

ORDER

In partial modification to this office order no. 1190 and 1194 dated 21.04.23 for new G.Ps assigned to GRSs is hereby cancelled and GPs assigned to the GRSs previously remain unchanged.

Block Development Officer, Karlamunda

Memo No. 1312 Date: 21.04.23
Copy to Person concerned for information and necessary action.
Copy to all PEOs/ all Sarpanches of Karlamunda block for information and necessary action.

Block Development Officer, Karlamunda

Memo No. 1313 Date: 21.04.23
Copy submitted to the CDO-Cum-EO, Z.P, Kalahandi for kind information w.r.t this office memo no. 1196 dtd. 21.04.23

Block Development Officer, Karlamunda

# ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ

**ସୋନପୁର/ଅମରପାଲି, (ନି.ପ୍ର./ଡି.ଏନ୍.ଏ.) ୨୬।୪**

ଅବକାରୀ ବିଭାଗର ସୁବର୍ଣ୍ଣପୁର ଜିଲା ମୋବାଇଲ ଟିମ୍ ଓ ସୋନପୁର ସଦର ଅବକାରୀ ଟିମ୍ ପକ୍ଷରୁ ମିଳିତ ଭାବେ ବୁଧବାର ବୀରମହାରାଜପୁର ଥାନା ଅଧୀନ ଧର୍ମଶାଳା ଛକଠାରେ ଚଢାଉ କରାଯାଇ ୬୬ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ଗଞ୍ଜେଇ କାରରେ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରାଯାଉଥିଲା। ଏହି ଘଟଣାରେ ପଶ୍ଚିମବଙ୍ଗ ସାଉଥ ଚବିଶ ପ୍ରଗଣା ଜିଲା ଚମ୍ପାହାଟୀ ରୋଡର ବବୁଲ ସେଖ(୩୩) ଓ ତିଲଜାଲା ଥାନା ୧୩ ସାପଗାଛି ଅଞ୍ଚଳର ମହମ୍ମଦ ଅରଫାକ(୨୭)ଙ୍କୁ ଗିରଫ କରାଯାଇଛି। ବବୁଲ ଓ ଅରଫାକ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରୁ ଗଞ୍ଜେଇ କିଣି କାର (ନଂ ଡବ୍ଲୁବି୦୬ସି-୫୨୭୧)ରେ ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ। ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ କରିଥିଲା। କାର ତନଖି ପରେ ୩ଟି ଜରି ବସ୍ତାରେ ଥିବା ୬୬ କିଲୋ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୨୭/୨୦୨୩-୨୪ ମୂଳେ ଏକ ମାମଲା ରୁଜୁ ହୋଇଛି। ବିଭାଗ ପକ୍ଷରୁ କାରକୁ ଜବତ କରାଯିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରକାଶ ସା, ସବ୍ ଇନ୍ସପେକ୍ଟର ସୁଧୀର ମିଶ୍ର, ବଳବୀର ଗଡନାୟକ ଓ କର୍ମଚାରୀମାନେ ଏହି ଚଢାଉରେ ସାମିଲ ଥିଲେ।


ଜବତ ଗଞ୍ଜେଇ, କାର୍ ଓ ଗିରଫ ଅଭିଯୁକ୍ତ।

**୬୬ କିଲୋ ଗଞ୍ଜେଇ, କାର୍ ଜବତ: ୨ ଗିରଫ**

## ସଂକ୍ଷେପରେ

### ବିବାହ ବାର୍ଷିକୀରେ ସାଧୁସନ୍ଥ, ଅସହାୟଙ୍କୁ ବସ୍ତ୍ର ଦାନ କଲେ ବ୍ଲକ ଅଧ୍ୟକ୍ଷା


ବାଗବର ଚନ୍ଦ୍ରମଣି ମଠରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ବସ୍ତ୍ରଦାନ କରୁଛନ୍ତି।

**ଅମରପାଲି,୨୬।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ଓ ତାଙ୍କ ସ୍ୱାମୀ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ବୁଧବାର ସେମାନଙ୍କ ୧୬ତମ ବିବାହ ବାର୍ଷିକୀ ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ଏହି ଦମ୍ପତି ୫୦ଜଣ ସାଧୁସନ୍ଥ ଓ ଅସହାୟଙ୍କୁ ବସ୍ତ୍ରଦାନ କରିବା ସହିତ ମିଠା ବଣ୍ଟନ କରିଛନ୍ତି। ବୀରମହାରାଜପୁର ଉପକଣ୍ଠ ବାଗବରସ୍ଥିତ ଚନ୍ଦ୍ରମଣୀ ମଠ ପରିସରକୁ ନିଜ ପରିବାର ସଦସ୍ୟଙ୍କ ସହିତ ଯାଇ ମଠାଧୀଶ ମହନ୍ତ ନିର୍ମାକ ଚରଣ ଦାଶଙ୍କ ସମେତ ସମସ୍ତ ସାଧୁସନ୍ଥଙ୍କ ଆର୍ଶୀବାଦ ନେଇଛନ୍ତି। ପରେ ଆଶ୍ରମରେ ଥିବା ସାଧୁସନ୍ଥ, ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ରଦାନ କରିଥିଲେ।

### କେସିଙ୍ଗା ଏନ୍ଏସି ବୈଠକ, ପାରିତ ହେଲା ବଜେଟ

**କେସିଙ୍ଗା,୨୬।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ମାସିକ ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ନୃପରାଜ ଯାଦବ ଏଥିରେ ଅଧ୍ୟକ୍ଷତା କରିଥିଲେ। ମାର୍ଚ୍ଚ ୨୭ରେ ଆଗତ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟକୁ ବୈଠକରେ ସର୍ବସମ୍ମତିକ୍ରମେ ମଞ୍ଜୁର କରାଯାଇଥିଲା। ୧୬ କୋଟି ୪୩ଲକ୍ଷ ୧୮ହଜାର ବିଶିଷ୍ଟ ବଜେଟ ଓ ୧୬କୋଟି ୬୪ଲକ୍ଷ ୬୨ହଜାର ୫୩୦ଟଙ୍କାର ବ୍ୟୟ ଅଟକଳକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପରିଷଦବର୍ଗ ମଞ୍ଜୁର କରିଥିଲେ। ଏହି ବୈଠକରେ ଏନ୍ଏସିର ୧୨ଟି ୱାର୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏନ୍ଏସି ନିର୍ବାହୀ ଅଧିକାରୀ କିରଣ ବେହେରା ବୈଠକ ପରିଚାଳନା କରିଥିଲେ। ଏଥିରେ ୧୨ୱାର୍ଡର ସମସ୍ତ କାଉନସିଲର, ସଭ୍ୟାସଭ୍ୟ ଯୋଗଦେଇଥିଲେ।

### ନାମଯଜ୍ଞ ଉଦ୍‌ଯାପିତ

**ଖଡ଼ିଆଲ,୨୬।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ବରଗାଁଠାରେ ଚାଲିଥିବା ୧୬ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ କର୍ତ୍ତା ଭାବେ ଗ୍ରାମର ସତ୍ୟପ୍ରିୟ ମୁଣ୍ଡ ଓ ତାଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞରେ ୮ଗୋଟି ଦଳ ଯୋଗଦାନ କରିଥିବା ବେଳେ ଯଜ୍ଞ କମିଟିର ସଭାପତି ସର୍ବେଶ୍ୱର ପଣ୍ଡା, ସମ୍ପାଦକ ଜେ. ମୁଣ୍ଡଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



# ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ମହାସଂଘ କର୍ମକର୍ତ୍ତା, ସଦସ୍ୟ।

**ବରଗଡ଼ ଅଫିସ୍,୨୬।୪**

ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ, ସମ୍ବଲପୁର ୟୁନିଟ୍ ପକ୍ଷରୁ ବୁଧବାର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ନିଖିଳ ଭାରତୀୟ ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଂଘ ସଭାପତି ଅବିନାଶ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ତଥା ନ୍ୟାୟୋଚିତ ଦାବି ପୂରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମବାୟ ବ୍ୟାଙ୍କ ତ୍ରିସ୍ତରୀୟ ବ୍ୟବସ୍ଥାକୁ ଉଚ୍ଛେଦ କରି ପଞ୍ଜାବ, କେରଳ, ହରିଆନା, କର୍ନାଟକ ଏବଂ ରାଜସ୍ଥାନରେ କାର୍ଯ୍ୟକାରୀ ହେଉଥିବା ଦ୍ୱିସ୍ତରୀୟ ବ୍ୟବସ୍ଥାକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବା, ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କ ବର୍ଦ୍ଧିତ ଦରମା ହାରରେ ପେନସନ ଲାଗୁ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବା ତଥା ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂଘ ଉପସଭାପତି ବୁଲବୁଲ ଦେବତା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ମଜଦୁର ସଂଘର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ସଂଘ କର୍ମକର୍ତ୍ତା।

**ବୌଦ୍ଧ,୨୬।୪(ସ୍ୱ.ପ୍ର.)**

ଭାରତୀୟ ମଜଦୁର ସଂଘ ବୌଦ୍ଧ ପକ୍ଷରୁ ଚାରି ଦଫା ଦାବି ନେଇ ବୁଧବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ଦେଶର ସମସ୍ତ ଶ୍ରମିକ ବର୍ଗଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ସୁବିଧା ପ୍ରଦାନ, ଶ୍ରମ ଅଧିନିୟମ ୧୯୭୦ର ଆବଶ୍ୟକ ସଂଶୋଧନ, ଦେଶର ଆର୍ଥିକ ବିକାଶ ନିମିତ୍ତ ଜାତୀୟ ଶ୍ରମନୀତି ପ୍ରସ୍ତୁତ, ସର୍ବନିମ୍ନ ମଜୁରି ବଦଳରେ ଜୀବିକା ଅଧାରିତ ମଜୁରି ନିର୍ଦ୍ଧାରଣ ଆଦି ଅନ୍ୟତମ। ମଜଦୁର ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି ସମୟରେ ସଭାପତି ସତ୍ୟବତି ସାହୁ, ସମ୍ପାଦକ ଲୋକନାଥ ଶତପଥି, ଉର୍ମିଳା ମହାପାତ୍ର, ଗୀତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟକିଲା ବାଲ୍ୟ ବିବାହ

**ଭେଡ଼େନ, ୨୬।୪(ଡି.ଏନ.ଏ)**

ବୁଧବାର ପୁଅ ବାହାଘର ପାଇଁ ଲଗ୍ନ ସ୍ଥିର ପରେ ବନ୍ଧୁ ପରିଜନ ନିମନ୍ତ୍ରଣ ହୋଇ ସାରିଥିଲେ। ବାହା ବେଦୀ, ମଣ୍ଡପ ସାଜସଜ୍ଜାଠାରୁ ଭୋଜିଭାତ, ବରଯାତ୍ରୀ ପାଇଁ ଗାଡ଼ି ମୋଟର ଅଗ୍ରୀମ ଦିଆସରିଥିଲା। କେତେକ ନିକଟ ସମ୍ପର୍କୀୟ ମଧ୍ୟ ଆଗତୁରା ଆସି ବିଭିନ୍ନ କାମରେ ଲାଗି ପଡ଼ିଥିଲେ। ହେଲେ ସେମାନେ ଜାଣି ନ ଥିଲେ ଯେ, ଆସିବାକୁ ଥିବା ବୋହୂ ଜଣେ ନାବାଳିକା। ବିବାହର ଦୁଇଦିନ ଆଗରୁ ସୋମବାର ଘରେ ପହଞ୍ଚିଥିଲେ କେଇ ଜଣ ଅନିମନ୍ତ୍ରିତ ଅତିଥି। ପୁଅର ମା'ବାପାଙ୍କୁ ଡ଼ାକି ବିବାହ ବନ୍ଦ କରିବାକୁ କହିଥିଲେ। ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ମେହେନା ଗ୍ରାମରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଭେଡ଼େନ ବ୍ଲକ ସମନ୍ୱିତ ଶିଶୁ ବିକାଶ କର୍ମଚାରୀଙ୍କ ପଦକ୍ଷେପ ଯୋଗୁ ଜଣେ ନାବାଳିକାଙ୍କ ଭବିଷ୍ୟତ ସୁଧୁରି ଯାଇଛି। ମେହେନା ଗ୍ରାମର ମଧୁ ଭଏନାଙ୍କ ବିବାହ ବରପାଲି ବ୍ଲକ କନବାର ଗ୍ରାମର ଜଣେ ୧୭ବର୍ଷିୟ ଝିଅଙ୍କ ସହିତ ବିବାହ ସ୍ଥିର ହୋଇଥିଲା। ଖବର ପାଇ ବରପାଲି ସିଡ଼ିପିଓ ସଂଯୁକ୍ତା ଲେଙ୍କା ଝିଅର ପରିବାରକୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଏହାକୁ ଗୁରୁତ୍ୱ ଦେଇ ନଥିଲେ। ବିବାହ ଲଗ୍ନ ତାରିଖକୁ ଭେଡ଼େନ ବ୍ଲକ ଆଇସିଡ଼ିଏସ୍ ବିଭାଗକୁ ସୂଚନା ଦେଇଥିଲେ। ଭେଡ଼େନ ସିଡ଼ିପିଓ ଆଲଫାନୁସା ଟେଟେଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ସନ୍ଧ୍ୟାରାଣୀ ସାହୁ, ଅନୀତା ପୁରୋହିତ, ସ୍ଥାନୀୟ ସରପଞ୍ଚ ବିଜନ କର୍ମୀଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ୱାର୍ଡ଼ ସଭ୍ୟ ପହଞ୍ଚି ପୁଅର ପରିବାରକୁ ବୁଝାଶୁଝା କରିଥିଲେ। ଏଥିରେ ସେମାନେ ସହମତି ପ୍ରଦାନ କରିବା ସହ ନାବାଳିକାଙ୍କୁ ବିବାହ ନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

**କେସିଙ୍ଗା,୨୬।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ହସ୍ପିଟାଲପଡ଼ାସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳକ ଡ. ସଦାନନ୍ଦ ପୁଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୩୦ରୁ ୬ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଚାଲିବ। ଷୋହଳ ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ରହିଛି। ୩୦ ସନ୍ଧ୍ୟାରେ କଳସ ଯାତ୍ରା, ଅଙ୍କୁରା ରୋପଣ, ମାର୍ଚ୍ଚ ୧ ରେ ଯଜ୍ଞାରମ୍ଭ, ସୂର୍ଯ୍ୟପୂଜା, ଗୋପୂଜା, ଦେବତା ଆବାହନ, ୨ରେ ମଣ୍ଡଳପୂଜା, ନବ ନବର୍ନିମିତ ଜଗନ୍ନାଥ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ ରହିଛି। ୩ରେ ଦେବତା ପ୍ରାଣ ପ୍ରତିଷ୍ଠା, ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ୪ରେ ମହାସ୍ନାନ, ଜନ୍ମ ଉତ୍ସବ, ଲକ୍ଷ୍ମୀ ନୃସିଂହ ଦେବ ବିବାହ ଉତ୍ସବ, ବାଳିକାବାଳକଙ୍କ ମୁଣ୍ଡନ ସଂସ୍କାର, ୫ରେ ଚନ୍ଦନଯାତ୍ରା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ପୁରୀରୁ ପଣ୍ଡିତ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବେ। ଭକ୍ତ ଯୋଗ ଦେବାପାଇଁ ପ୍ରଚାର କରାଯାଉଛି। ଲୋକଙ୍କ ରହିବା, ଖାଇବା, ପାନୀୟଜଳର ବ୍ୟବସ୍ଥା କରାଯାଇଛି ବୋଲି ପୁଟେଲ ସୂଚନା ଦେଇଛନ୍ତି।

# ପଶ୍ଚିମ ଓଡ଼ିଶା ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଚାମ୍ପିୟନ


ଚାମ୍ପିୟନ ଟିମ୍‌କୁ ବୀରମହାରାଜପୁରରେ ସ୍ୱାଗତ କରାଯାଉଛି।

**ଅମରପଲି,୨୬।୪(ଡି.ଏନ.ଏ)**

ପଶ୍ଚିମ ଓଡିଶାର ବରଗଡ ଜିଲା ପକ୍ଷରୁ ଆୟୋଜିତ ୨ୟ ପଶ୍ଚିମ ଓଡିଶାର ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନ ଅଂଶଗ୍ରହଣ କରି ଚାମ୍ପିୟନ ଟ୍ରଫି ହାସଲ କରିବାରେ ସଫଳ ହୋଇଛି। ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡିଶାର ଅନେକ ଜିଲାରୁ ବିଭିନ୍ନ ବର୍ଗର ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ତେବେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନର ୬୦ ଜଣ ଖେଳାଳି ଟାଏକୋଣ୍ଡୋର ଉଭୟ କିରୋଗି ଏବଂ ପୁମସେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨୬ ସ୍ୱର୍ଣ୍ଣ ପଦକ, ୧୯ଟି ରୌପ୍ୟ ପଦକ ଏବଂ ୨୭ଟି କାଂସ୍ୟ ପଦକ ହାସଲ କରିଥିଲେ। ତେବେ ଏହି ଭାବରେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନ ଟାଏକୋଣ୍ଡୋ କିରୋଗି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ବେଳେ ପୁମସେରେ ରନର୍ସ ଅପ୍ ଟ୍ରଫି ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଚାମ୍ପିୟନ ଟିମ୍‌କୁ ବୀରମହାରାଜପୁରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପ୍ରତିଯୋଗିତାରେ ଜିଲା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ଏହେସାସ ହୋତା, କୋଷାଧ୍ୟକ୍ଷ ଶୁଭମ ପଟ୍ଟନାୟକ, ପ୍ରଶିକ୍ଷକ ମହେନ୍ଦ୍ର ରଣା, ଅନ୍ୱେଷ ହୋତା, ଆର୍‌ୟନ ପୁରୋହିତ, ମନିଷ ମହାନ୍ତି, ବବଲୁ କର୍ଣ୍ଣ, ବିଶ୍ୱରଞ୍ଜନ ସାହୁ, ହର୍ସିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଜିଲା ଟାଏକୋଣ୍ଡୋ ଆସୋସିଏଶନର ଏହି ସଫଳତା ପାଇଁ ଓଡିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନର ସଭାପତି ରବୀନ୍ଦ୍ର ହୋତା, ସହ ସମ୍ପାଦକ ଶେଷଦେବ ବାରିକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସୁବର୍ଣ୍ଣପୁର ଓ ବୀରମହାରାଜପୁରର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

**ଚାମ୍ପିୟନ ଟିମ୍‌କୁ ବୀରମହାରାଜପୁରରେ ଭବ୍ୟ ସମ୍ବର୍ଦ୍ଧନା**

### ସଟ୍ଟା ଚଢ଼ାଉ, ଜଣେ କୋର୍ଟ ଚାଲାଣ

**ଜୁନାଗଡ଼,୨୬।୪(ଡି.ଏନ୍.ଏ.)**

କଳାହାଣ୍ଡିଜିଲା ଜୁନାଗଡ଼ ବ୍ଲକ ଗୌଡ଼ଛେଣ୍ଡିଆ ଗ୍ରାମରେ ପୋଲିସ ଚଢ଼ାଉ କରି ବୁଧବାର ଜଣେ ସଟ୍ଟା ଖେଳେଉଥିବା ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଞ୍ଚାନନ ଶବର। ତାଙ୍କ ନିକଟରୁ ପୋଲିସ ସଟ୍ଟା ପଟି ସହ ୧୬୦ଟଙ୍କା ଜବତ କରିଛି। ଅନ୍ୟପକ୍ଷରେ,ଗଦିବାଲା ସ୍ୱରୁପ ମେହେରଙ୍କଠାରୁ ୧୦ ଶତକଡ଼ା କମିଶନ ନେଇ ପଞ୍ଚାନନ ସଟ୍ଟା ଖେଳେଉଥିବା ଜଣାପଡ଼ିଛି।

# କାଇରାଝୁଲି ୟୁପି ସ୍କୁଲ ପରିସରରୁ ଜବରଦଖଲ ଉଚ୍ଛେଦ



ବିଦ୍ୟାଳୟ ପରିସରରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**ଅମରପାଲି,୨୬।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜାଲୋଏ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଇରାଝୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରକାଶ ଯେ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଇରାଝୁଲି ପରିସରକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ନିଜ ଅକ୍ତିଆରରେ ରଖିଥିଲେ। ସ୍ଥାନୀୟ ସରପଞ୍ଚ ନିବେଦିତା ମିଶ୍ରଙ୍କ ଅନୁରୋଧକ୍ରମେ ସୁବର୍ଣ୍ଣପୁର ଜିଲାପାଳ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ବୀରମହାରାଜପୁର ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରିଣୀ ପଦ୍ମାସିନୀ ମେହେର ଓ ଉଲୁଣ୍ଡା ତହସିଲଦାର ଦିଲିପ କୁମାର ମାଝି ପ୍ରମୁଖ ଘଟଣାସ୍ଥଳକୁ ଆସି ଜବରଦଖଲ ଉଚ୍ଛେଦ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲେଖାରାଜଙ୍କ ସମେତ ସମସ୍ତ ସଦସ୍ୟା ପ୍ରଶାସନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ପ୍ରଶାସନ ଦ୍ୱାରା ଜବରଦଖଲ ଉଚ୍ଛେଦ ହୋଇଥିବାରୁ ଜବରଦଖଲକାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆଗକୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ଉଲୁଣ୍ଡା ତହସିଲଦାର ମାଝୀ ଓ ଉପଖଣ୍ଡୀୟ ପୋଲିସ ଅଧିକାରୀ ଭୋଇ ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣପୁରରେ ଯୋଗ ପ୍ରଶିକ୍ଷକଙ୍କ ସମ୍ମିଳନୀ

**ସୋନପୁର,୨୬।୪(ନି.ପ୍ର.)**

ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ନିଯୁକ୍ତ ଯୋଗ ପ୍ରଶିକ୍ଷକଙ୍କ ଏକ ସମ୍ମିଳନୀ ଜିଲା ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗ ସଂସ୍ଥାନର ସଭାପତି ମନୋଜ ପଣ୍ଡା ଓ ଜିଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଜିଲାର ସମସ୍ତ ଡାକ୍ତରଖାନାରେ ନିଯୁକ୍ତ ୨୯ ଜଣ ଯୋଗ ପ୍ରଶିକ୍ଷକ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ। ଡାକ୍ତରଖାନାଗୁଡିକରେ ଯୋଗ ଶିକ୍ଷା ପ୍ରଦାନ କରି ସମସ୍ତଙ୍କୁ ସୁସ୍ଥ ରଖିବା ପାଇଁ ଯୋଗକୁ ଏକ ଅଭ୍ୟାସରେ ପରିଣତ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର ମଙ୍ଗଳ) ଡା.ଦୈତ୍ୟ ନାରାୟଣ ପାଢୀ, ଡା.ମନୋଜ କୁମାର ଅଦାବର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡା. ପଦ୍ମହଂସା ଦୋରା, ଏନଏଚଏମ ଡିପିଏମ ବିଶ୍ୱମ୍ଭର ବେହେରା ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ପ୍ରଶିକ୍ଷକଙ୍କ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଆସନ୍ତା ଜୁନ୍ ୨୧ ତାରିଖ ବିଶ୍ୱ ଯୋଗ ଦିବସକୁ ଭଲ ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସମସ୍ତ ଯୋଗ ପ୍ରଶିକ୍ଷକଙ୍କୁ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଜ୍ୟୋତି ରଞ୍ଜନ କର୍ଣ୍ଣ ଧନ୍ୟବାଦ ପ୍ରଦାନ କରିଥିଲେ।



ଯୋଗ ପ୍ରଶିକ୍ଷକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

# ସୁବଳୟାରେ କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

**ଅମରପାଲି,୨୬।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ୫-ଟି ହାଇସ୍କୁଲ ସମ୍ମୁଖରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ (ଅମୃତ ଧାରା) କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ପଥିକ ଓ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୀରମହାରାଜପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ପ୍ରାୟ ବର୍ଷେ ପୂର୍ବେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଅଟକଳ କରାଯାଇଥିଲା। କାର୍ଯ୍ୟାଦେଶ ପରେ କାମ ଆରମ୍ଭ ହୋଇଥିଲା। ପ୍ରକଳ୍ପ କାମ ସଂପୂର୍ଣ୍ଣ ପରେ ବୋରୱେଲ ଖୋଳାଯାଇ ମୋଟର ମଧ୍ୟ ଲଗାଯାଇଛି। ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ମଧ୍ୟ କରାଯାଇଛି। ପ୍ରକଳ୍ପର ସବୁ କାମ ଶେଷ ହୋଇଥିଲେ ମଧ୍ୟ ପାଣି ବାହାରୁ ନ ଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସ୍ଥାନର ଜଳ ଯୋଗାଣ ପ୍ରକଳ୍ପ ଓ ସଂପ୍ରତି ଗ୍ରୀଷ୍ମ ପ୍ରବାହ ଯୋଗୁ ବିଭିନ୍ନ ଅନେକ ନଳକୂପ ଅଚଳ ହୋଇପଡିଛି। ଏହାସହିତ ବିଭିନ୍ନ ଜଳାଶୟଗୁଡିକ ଶୁଷ୍କ ହୋଇପଡିଛି। ଏଭଳି ପରିସ୍ଥିତିରେ ଉକ୍ତ ପ୍ରକଳ୍ପରୁ ଥଣ୍ଡା ପାଣି ଆସୁ ନ ଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲଠାରୁ ଦୂରରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରକଳ୍ପର କାମ କରୁଥିବା ଠିକାଦାର କାମ ପରେ ଟଙ୍କା ପାଇ ନ ଥିବାରୁ ପ୍ରକଳ୍ପ ହସ୍ତାନ୍ତର କରୁ ନ ଥିବା ଜଣାପଡିଛି। ଏନେଇ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡଙ୍କୁ ପଚାରିବାରୁ ଠିକାଦାର କାମ ସମ୍ପୂର୍ଣ୍ଣ କରି ନାହାନ୍ତି। କାମ ଶେଷ ହେବା ପରେ ଟଙ୍କା ପ୍ରଦାନ କରାଯିବ। ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଦେଖି ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ସୁବଳୟାରେ କାର୍ଯ୍ୟକ୍ଷମ ଅପେକ୍ଷାରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ।

**କାମ ସମ୍ପୂର୍ଣ୍ଣ ହେବାର ବର୍ଷେ ବିତିଲା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଏପ୍ରିଲ ୨୦୨୩



## ସଂକ୍ଷେପରେ

### ଦୋକାନ ଭାଙ୍ଗି ଲୁଟ୍ ଘଟଣା: ୨ ଗିରଫ

ରାଉରକେଲା ଅଫିସ,୨୬।୪: ରାଉରକେଲା ଆମ୍ବଗାନ ଇସ୍ପାତ ମାର୍କେଟରେ ଏକ ଦୋକାନ ଭାଙ୍ଗି ଲୁଟ ଘଟଣାରେ ସେକ୍ଟର-୧୯ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ ଭୂମିଜ(୨୧) ଓ କାର୍ତ୍ତିକ ସରକାର(୧୯)। ସୂଚନାଯୋଗ୍ୟ, ସେକ୍ଟର-୧୬ ଅଞ୍ଚଳରେ ନେହେରୁ ସାହୁ ପରିବାର ସହ ବାସ କରନ୍ତି। ନେହେରୁ ଆମ୍ବଗାନ ସ୍ଥିତ ଇସ୍ପାତ ମାର୍କେଟରେ ଏକ ଜଳଖିଆ ଦୋକାନ କରି ନିଜର ପରିବାର ଭରଣପୋଷଣ କରନ୍ତି। ସବୁଦିନ ପରି ନେହେରୁ ଏପ୍ରିଲ ୨୫ରେ ବ୍ୟବସାୟ ସାରି ରାତି ୧୦ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଦୋକାନର ପଛପଟ ଟିଣକୁ ଭାଙ୍ଗି ପଶିଥିଲେ। ପରେ ଦୋକାନ ଭିତରେ ଥିବା ଏକ ଗ୍ୟାସ ସିଲିଣ୍ଡର, ଗୋଟିଏ ଟେବୁଲ ପଙ୍ଖା ସହ ୫ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସକାଳ ହେବାରୁ ବ୍ୟବସାୟୀ ଜଣଙ୍କ ଦୋକାନ ଖୋଲିବା ବେଳକୁ ଦୋକାନ ଭଙ୍ଗାଯାଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ. ୩୪।୨୩) ରୁଜୁ କରି କାର୍ତ୍ତିକ ଓ ପ୍ରଶାନ୍ତଙ୍କୁ ରାଉରକେଲା ଟେଲିଫୋନଭବନ ବସ୍ତିରୁ ବୁଧବାର ଗିରଫ କରିଥିଲା। ସେମାନଙ୍କଠାରୁ ପୋଲିସ ଚୋରି ହୋଇଥିବା ସାମଗ୍ରୀ ସହ ୫ ହଜାର ଟଙ୍କା ଜବତ କରିଛି।

### କୋଶଳ ସମାଜ ପକ୍ଷରୁ କୃଷକ ଦିବସ ପାଳିତ

ବଡ଼ଗାଁ, ୨୬।୪(ଡି.ଏନ୍.ଏ.): ଅକ୍ଷୟ ତୃତୀୟା ଅବସରରେ କୋଶଳ ସମାଜ ପକ୍ଷରୁ କୃଷି ଦିବସ ପାଳନ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ଓ ଭିଖମପୁର ଗ୍ରାମରେ ପଞ୍ଚାୟତ ସଚିବ ସଙ୍ଗୀତା ସାହୁ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ମହାସଚିବ ଦିଲ୍ଲୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳା ସଚିବ ଦୀପ୍ତି ରାଣୀ ରାଉତରାୟ ଲଳିତା ପ୍ରଧାନ, କୁଞ୍ଜଲତା ସୁନ୍ୟାନୀ, ସୁଷମା ସୁନ୍ୟାନୀ, ଜେମାଦେଈ କରସେଲ, ଆସିସାନ ହାଁସଦା, ସୁବାନି ହାସଦା, ଅଶ୍ରିତା ହାସାଦାଙ୍କ ସହିତ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ କୃଷିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### କୋଶଳ ସମାଜ ପକ୍ଷରୁ ଆମକୋ ସିମକୋ ଦିବସ ପାଳିତ

ବଡ଼ଗାଁ, ୨୬।୪(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାମଡେରା ଗ୍ରାମରେ କୋଶଳ ସମାଜ ପକ୍ଷରୁ ଆମକୋ ସିମକୋ ଦିବସ ପାଳିତ ହୋଇଯାଇଛି। କୋଶଳ ସମାଜର ବାମଡେରା ପଞ୍ଚାୟତ ସଚିବ ସୁମିତ୍ରା କରାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୋଶଳ ସମାଜ ମହାସଚିବ ଦିଲ୍ଲୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ବ୍ଲକ ମହିଳା ସଚିବ ଦୀପ୍ତି ରାଣୀ ରାଉତରାୟ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲା ଯୁବ ମହିଳା ସଚିବ ଡିଲେଶ୍ୱରି ଭୋଇ ଯୋଗଦେଇଥିଲେ। ସଭା ଆରମ୍ଭରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଇଂରେଜ ଶାସନ କାଳରେ ଗାଙ୍ଗପୁର ରାଜାଙ୍କ ଅଧୀନ ବୀରମିତ୍ରପୁରର ରାଏବଗା ନିକଟ ଆମକୋ ସିମକୋ ପଡିଆଠାରେ ଇଂରେଜ ଅଧିକାରୀଙ୍କ ଗୁଳିରେ ନିର୍ମଳ ମୁଣ୍ଡାଙ୍କ ସହିତ ଅନେକ ଦେଶପ୍ରେମୀ ପ୍ରାଣବଳି ଦେଇଥିଲେ। କୋଶଳ ସମାଜର କର୍ମକର୍ତ୍ତାମାନେ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଚାହାତି ମିଞ୍ଜ, ସନ୍ତିମନି ଲାକ୍ରା, ଆଶାମନି ତିର୍କୀ, ଜିମା ଖେସ, ବିଶାଖା ବାଡ଼ା, ସରୋଜିନୀ ବାଡ଼ା, ବିନିତା ବିଲୁଙ୍ଗଙ୍କ ସହିତ ଗ୍ରାମବାସୀ ଯୋଗଦେଇଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଶୋଭାଯାତ୍ରା, ବିକ୍ଷୋଭ

ରାଉରକେଲା ଅଫିସ,୨୬।୪




ବିଏମଏସ୍ ଓ ଅଙ୍ଗନୱାଡି କର୍ମୀଙ୍କ ଶୋଭାଯାତ୍ରା।

ବୁଧବାର ଭାରତୀୟ ମଜଦୁର ସଂଘ ଓ ଜିଲା ଅଙ୍ଗନୱାଡି କର୍ମୀମାନେ ମିଳିତ ଭାବେ ବିଭିନ୍ନ ହକ୍ ଦାବି ପୂରଣ ନେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲା ବିଏମ୍ଏସ୍ ସଭାପତି ଅମର କୁମାର ଜୟସ୍ୱାଲ, ସମ୍ପାଦକ ସଞ୍ଜୟ କୁମାର ଶତପଥି, ରାଷ୍ଟ୍ରୀୟ ସମ୍ପାଦିକା ଅଳୀ ପଟେଲ, ସଭାପତି ହିମାଂଶୁ ବଳଙ୍କ ନେତୃତ୍ୱରେ ଏଥିରେ ହଜାର ସଂଖ୍ୟାରେ ଅଙ୍ଗନୱାଡି କର୍ମୀ ସାମିଲ ହୋଇ ନାରା ଦେଇ ପ୍ରବଳ ଗର୍ଜିଥିଲେ। ପ୍ରଥମେ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ବିଏମ୍ଏସ୍ ଅନୁବନ୍ଧିତ ସୁନ୍ଦରଗଡ ଜିଲା ସମସ୍ତ ୟୁନିଟରୁ କାର୍ଯ୍ୟକର୍ତ୍ତାବୃନ୍ଦ ସମ୍ମିଳିତ ରହିଥିଲେ। ଏପ୍ରିଲ ୨୬ତାରିଖ ସାରା ଦେଶର ସମସ୍ତ ଜିଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ ହୋଇସାରିଛି। ବିଏମ୍ଏସ ୪ଦଫା ଦାବିରେ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା, ଠିକା ପ୍ରଥାକୁ ନିୟନ୍ତ୍ରଣ କରିବା, ଜାତୀୟ ଶ୍ରମ ନୀତି ପ୍ରସ୍ତୁତ କରାଯିବା ଏବଂ ଜୀବିକା ଆଧାରିତ ମଜୁରୀ ନିର୍ଦ୍ଧାରଣ କରାଯିବା ଉଲ୍ଲେଖ କରିଛି। ଅନ୍ୟପଟେ ଅଙ୍ଗନୱାଡି କର୍ମୀମାନଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯିବା, ୬ମାସିଆ ପ୍ରଶିକ୍ଷଣ, ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଏବଂ ମିନି ସହାୟିକାଙ୍କୁ ସାମାଜିକ ସୁରକ୍ଷା ସହିତ ଇପିଏଫ୍, ଇଏସ୍ଆଇ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବା ସହ ଶିକ୍ଷା ଯୋଜନା ଆଧାରରେ ପ୍ରାଥମିକତା ଦେଇ ନିର୍ଦ୍ଧାରିତ ଆୟୁ ସୀମା ହଟାଯିବା ସହିତ ପଦୋନ୍ନତୀ ସୁନିଶ୍ଚିତ କରିବା ଉଲ୍ଲେଖ କରିଥିଲେ। ଏଥିସହ ସମସ୍ତ ଅଙ୍ଗନୱାଡି କର୍ମୀ ପ୍ରଦେଶରେ ଗୋଟିଏ ନୀତି ଘୋଷଣା ସହିତ ଅନୁଭବ ଅନୁସାରେ ପଦୋନ୍ନତୀ ଦିଆଯାଉ। ଭାରତ ସରକାରଙ୍କର ମହିଳା ବାଳବିକାଶ ଅନ୍ତର୍ଗତ ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ସହାୟିକାଙ୍କୁ ୫ ଲକ୍ଷ ଟଙ୍କାର ଦୁର୍ଘଟଣା ଏବଂ ସ୍ୱାସ୍ଥ୍ୟବୀମା ରାଶି ପ୍ରଦାନ କରାଯିବା ସହିତ କେନ୍ଦ୍ରୀୟ କର୍ମଚାରୀଙ୍କର ମହଙ୍ଗାଭତ୍ତାକୁ ଲାଗୁ କରିବା ଉଲ୍ଲେଖ କରିଥିଲେ। ଏହା ପରେ ବିଏମ୍ଏସ ଏବଂ ରାଉରକେଲା ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ପରେ ବିକ୍ଷୋଭ ବନ୍ଦ ହୋଇଥିଲା।

# ଜମିବାଡ଼ି ବିବାଦକୁ ନେଇ ଯୁବକଙ୍କୁ ହତ୍ୟା

ସୁନ୍ଦରଗଡ଼/ନୂଆଗାଁ, ୨୬।୪(ଡି.ଏନ୍.ଏ.)

## ୩ ମହିଳାଙ୍କ ସମେତ ୭ ଗିରଫ

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଟାଇନ୍ଦା ଗଞ୍ଜୁବସ୍ତିରେ ବୁଧବାର ଜମିବାଡ଼ି ବିବାଦକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଜଗେଶ୍ୱର ସିଂ (୩୪)। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ମହିଳାଙ୍କ ସମେତ ୭ଜଣଙ୍କୁ ପୋଲିସ ଗିରଫ କରିଛି।

ଟାଇନ୍ଦା ଗଞ୍ଜୁବସ୍ତିରେ ରହୁଥିବା ଜଗେଶ୍ୱରଙ୍କ ସହିତ ତାଙ୍କ ବଂଶର ଲଳିତ ସିଂ, ରମେଶ ସିଂଙ୍କ ଜମିବିବାଦ ଲାଗିରହିଥିଲା। ଏକ ଆମ୍ବଗଛ ଜଗେଶ୍ୱର ଓ ଲଳିତ ଉଭୟଙ୍କ ଜମିହିଡ଼ରେ ରହିଥିଲା। ତେବେ ଏହି ଗଛ ପ୍ରକୃତରେ କାହାର ସେ ନେଇ ବୁଧବାର ସକାଳେ ବୀରମିତ୍ରପୁର ରେଞ୍ଜର ଓ ସୋରଡ଼ା ରାଜସ୍ୱ ନିରୀକ୍ଷକ ଉକ୍ତ ଗ୍ରାମକୁ ଯାଇ ମାପଚୁପ କରିଥିଲେ। ଉଭୟ ପରିବାରକୁ ବୁଝେଇ ଆସିଥିଲେ କି ଗଛଟି ଉଭୟଙ୍କ ଜମିହିଡ଼ରେ ଅଛି। ତେଣୁ ଗଛଟି ଉଭୟଙ୍କ ଭାଗରେ ଅଧା ଲେଖାଏ ପଡ଼ିବ। ତେଣୁ ସେମାନେ ଗଣ୍ଡଗୋଳରୁ ନିବୃତରହି ମିଳିମିଶି ରହିବାକୁ ଉଭୟ ପରିବାରକୁ ବୁଝେଇ ଆସିଥିଲେ। ତେବେ ରେଞ୍ଜର ଓ ରାଜସ୍ୱ ନିରୀକ୍ଷକ ଚାଲିଯିବା ପରେ ଅପରାହ୍ନ ଦୁଇଟାରେ ପୁଣି ଉଭୟ ପରିବାର ଭିତରେ ଝଗଡା ଆରମ୍ଭ ହୋଇଥିଲା। ଏଥିରେ ଲଳିତ, ତାଙ୍କ ଭାଇ ରମେଶ ଏବଂ କେତେକ ମହିଳା ଆସି ଜଗେଶ୍ୱରଙ୍କୁ ଲାଠି ଓ ପଥରରେ ଆକ୍ରମଣ କରିଥିଲେ। ଫଳରେ ଜଗେଶ୍ୱରଙ୍କ ମୁଣ୍ଡ, କାନରେ ଗଭୀରକ୍ଷତ ହେବା ସହ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ହାତୀବାରି ଥାନା ଅଧିକାରୀ ବୀରକିଶୋର ମଲ୍ଲିକ, ନୂଆଗାଁ ଫାଣ୍ଡି ଅଧିକାରୀ ହରିହର ଦାସ ସାଇଣ୍ଟିଫିକ୍ ଦଳ ସହ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏହି ଘଟଣା ପରେ ପୋଲିସ ଲଳିତ, ରମେଶ, ୨ ବୟସ୍କ ବ୍ୟକ୍ତି ଓ ୩ ମହିଳାଙ୍କୁ ଗିରଫ କରିଛି। ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ମୃତଦେହ ବ୍ୟବଛେଦ ହେଲା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ଆମକୋ-ସିମକୋ ପଦଯାତ୍ରା ସମ୍ପନ୍ନ

ରାଉରକେଲା ଅଫିସ,୨୬।୪

ସୁନ୍ଦରଗଡ ମାଟିର ଦୁଇ ଭୂମିପୁତ୍ର ଶହୀଦ ନିର୍ମଳ ମୁଣ୍ଡାଙ୍କ ନାମରେ ରାଉରକେଲା ବିମାନବନ୍ଦର ନାମକରଣ ଓ ବୀର ମାଦ୍ରି କାଲୋଙ୍କ ନାମରେ ସୁନ୍ଦରଗଡ଼ ମେଡିକାଲ କଲେଜର ନାମକରଣ କରିବା ସହ ଶହୀଦମାନଙ୍କୁ ଉଚିତ ସମ୍ମାନ ଦାବିରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ଯୁବ ଶାଖା ପକ୍ଷରୁ ୪ ଜଣିଆ ପ୍ରତିନିଧି ମଣ୍ଡଳୀ ଏପ୍ରିଲ ୨୨ ତାରିଖରୁ ସୁନ୍ଦରଗଡ଼ରୁ ପଦଯାତ୍ରା କରି ୨୫ ତାରିଖ ଆମକୋ-ସିମକୋ ଶହୀଦ ପୀଠରେ ପହଞ୍ଚିଛନ୍ତି। ଏହି ପଦଯାତ୍ରାରେ ସୁମିତ ଦାସ, ଧରଣୀରୋହି ଦାସ, ବିଜୟ ମୁଣ୍ଡା ଓ ମନୋଜ ରାଉଡିଆ ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ସମନ୍ୱୟ କମିଟିର କର୍ମକର୍ତ୍ତାମାନେ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପରେ ନିର୍ମଳ ମୁଣ୍ଡାଙ୍କ ସହ ବିଟ୍ରିଶଗୁଳିରେ ଶହୀଦ ହୋଇଥିବା ଓ ତାଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରିବା ପାଇଁ ସମିତି ପକ୍ଷରୁ ଦାବି କରାଯାଇଥିଲା। ଉଭୟ ସରକାର ସଂଗ୍ରାମୀ ମାଦ୍ରୀ କାଲୋ ଓ ନିର୍ମଳ ମୁଣ୍ଡାଙ୍କୁ ଯେପରି ଅବହେଳା କରିଛନ୍ତି ତାହାର ପ୍ରତିବାଦରେ ଆସନ୍ତା ଦିନରେ ଆନ୍ଦୋଳନ ତେଜିବ ବୋଲି କୋଶଳ ସଂଗ୍ରାମୀ ରାମଚନ୍ଦ୍ର ଅମାତ ଚେତବାନୀ ଦେଇଛନ୍ତି। ସୁନ୍ଦରଗଡ଼ର ଇତିହାସ ଓ ବୀର ସଂଗ୍ରାମୀଙ୍କ ପାଇଁ ଅତିଶୀଘ୍ର ସରକାର ଉଚିତ ସମ୍ମାନ ସହ ତ୍ୱରିତ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି। ଏଥିରେ ବରିଷ୍ଠ ନେତା ହୃଦାନନ୍ଦ ବେହେରା, ଫିଲମନ ଟୋପୋ, ପଦ୍ମକୁମାର ଅମାତ, ବିଶୁ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଓଲଟି ୧୨ ଆହତ

ଦେବଗଡ଼,୨୬।୪(ଡି.ଏନ୍.ଏ.)



କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ଭେଜିକୁଦର ଗ୍ରାମରେ ଏକ ଅଟୋରିକ୍ସା ଓଲଟି ପଡ଼ିବାରୁ ମୋଟ ୧୨ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ଶିଶୁ ରହିଥିବାବେଳେ ସମସ୍ତେ ଦେବଗଡ଼ ଥାନା ଅନ୍ତର୍ଗତ ବସାଲଇ ଗ୍ରାମର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବସାଲଇ ଗ୍ରାମର କିଶୋରୀ ଗୁମାନସିଂ, ଅହଲ୍ୟା ଗୁମାନସିଂ, କିଶୋର ବେହେରା, ଟୁନା ଗୁମାନସିଂ, ବିନି ଗୁମାନସିଂ, ଅହଲ୍ୟା ଗୁମାନସିଂ, ଜହ୍ନ ଗୁମାନସିଂ, ରଶ୍ମିତା ଗୁମାନସିଂ, ବାବୁଆଣି ବେହେରା, ସାଲିନୀ ଗୁମାନସିଂ, ରାନୀ ଗୁମାନସିଂ, ମିତାଲୀ ଗୁମାନସିଂ ପ୍ରମୁଖ ରିଆମାଳ ବ୍ଲକ ଅନ୍ତର୍ଗତ ଉରୁଣିଆଁ ଅଞ୍ଚଳରୁ ଭୋଜି ଖାଇ ଏକ ଅଟୋରିକ୍ସା ନଂ. ଓଡି୨୮ବି-୨୭୫୩ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ତେବେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଭେଜିକୁଦର ଗ୍ରାମ କିସାନ ସାହି ନିକଟସ୍ଥ ଏକ ବୁଲାଣୀରେ ଏହାର ଚାଳକ ଭାରସାମ୍ୟ ହରାଇବାରୁ ଉକ୍ତ ଅଟୋରିକ୍ସାଟି ରାସ୍ତା ଉପରେ ହିଁ ଓଲଟି ପଡିଥିଲା। ଫଳରେ ଉପରୋକ୍ତ ସମସ୍ତ ଯାତ୍ରୀ ଚାଳକ ସମେତ ଆହତ ହୋଇଥିଲେ। ଆହତ ମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା ଓ ସେମାନେ ଏବେ ମଧ୍ୟ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ସୂଚନା ପାଇ କୁଣ୍ଢେଇଗୋଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋରିକ୍ସାକୁ ଜବତ କରିବାସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପୋଲିସ ପରିଚୟ ଦେଇ ମୋବାଇଲ ଲୁଟ୍

■ ଚର୍ଚ୍ଚିତ ଚୋର ଗିରଫ ■ ୩୩ ସ୍ମାର୍ଟ ଫୋନ ଜବତ



ମୋବାଇଲ ଲୁଟ ଅଭିଯୋଗରେ ଜଣେ ଗିରଫ।

ରାଉରକେଲା ଅଫିସ,୨୬।୪

ରାଉରକେଲାର ବିଭିନ୍ନ ଅଞ୍ଚଳରୁ ଲୋକଙ୍କୁ ପୋଲିସର ପରିଚୟ ଦେଇ ମୋବାଇଲ ଲୁଟ ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବଣେଇ ଅଞ୍ଚଳର ଜଗନ୍ନାଥ ଭଗତ(୩୫)। ପୋଲିସ କହିବା ଅନୁଯାୟୀ, ବେଦବ୍ୟାସ ମନ୍ଦିର ରୋଡ ବସ୍ତିରେ ରାହୁଲ ସାହୁ ପରିବାର ସହ ବାସ କରନ୍ତି। ରାହୁଲ ଦାଣ୍ଡିଆପାଲି ଛକ ରାସ୍ତାକଡରେ ଏକ ଜଳଖିଆ ଦୋକାନ କରି ନିଜର ପରିବାର ଭରଣପୋଷଣ କରନ୍ତି। ଏପ୍ରିଲ୨୫ ତାରିଖ ସକାଳ ୧୦ଟାବେଳେ ଜଗନ୍ନାଥ ଉକ୍ତ ଜଳଖିଆ ଦୋକାନକୁ ଆସି ତାଙ୍କୁ ପୋଲିସର ପରିଚୟ ଦେଇ ରାସ୍ତାକଡରେ ଦୋକାନ କାହିଁକି ପକାଇଛି କହି ଧମକ ଦେଇଥିଲେ। ପରେ ତାଙ୍କ ଠାରୁ ମୋବାଇଲ ମାଗି ପାଣିବୋତଲ ଆଣିବାକୁ କହିଥିଲେ। ରାହୁଲ ପାଖ ଦୋକାନରୁ ପାଣିବୋତଲ ଆଣିବାକୁ ଯାଇଥିବାବେଳେ ଜଗନ୍ନାଥ କୌଶଳକ୍ରମେ ସେଠାରୁ ମୋବାଇଲକୁ ଧରି ଫେରାର ହୋଇଯାଇଥିଲେ। ଏନେଇ ରାହୁଲ ବ୍ରାହ୍ମଣୀତରଙ୍ଗ ଥାନାରେ ରାହୁଲ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗ ଆଧାରରେ ପୋଲିସ(୯୧।୨୩)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ବୁଧବାର ଅଭିଯୁକ୍ତ ଜଗନ୍ନାଥଙ୍କୁ ବଣେଇରୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ୩୩ଟି ଦାମୀ ମୋବାଇଲ ଫୋନ ଜବତ କରିଥିଲା। ଯାହାର ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ସବୁ ମୋବାଇଲକୁ ଜଗନ୍ନାଥ ରାଉରକେଲାର ଫୁଟପାଥ ବ୍ୟବସାୟୀ,ପାର୍କିଂସ୍ଥଳୀ, ଡାକ୍ତରଖାନା ଓ ଜନଗହଳି ବିଭିନ୍ନ ସ୍ଥାନରୁ ଲୋକଙ୍କୁ ପୋଲିସର ପରିଚୟ ଦେଇ ସେମାନଙ୍କଠାରୁ ଲୁଟିଥାଏ ବୋଲି ସ୍ୱୀକାର କରିଥିଲା। ଯୁବକ ଜଣଙ୍କ ମୋବାଇଲକୁ ଲୁଟ କରିବା ପରେ ସହର ତଳି ଓ ବସ୍ତି ଅଞ୍ଚଳକୁ ଯାଇ ୫ ରୁ ୭ ହଜାର ଟଙ୍କା ଭିତରେ ବିକ୍ରୀ କରି ଦେଇଥିବା ପାନପୋଷ ଏସଡିପିଓ ସାନ୍ତାନୂତନ ସାମଦ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଜବତ ହୋଇଥିବା ସମସ୍ତ ମୋବାଇଲ କାହାର ଓ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି। ଅଭିଯୁକ୍ତ ଜଗନ୍ନାଥଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି।

# ଜଳ ଯୋଗାଣ ଦାବିରେ ଆର୍‌ଏମ୍‌ସି ସମ୍ମୁଖରେ ବିକ୍ଷୋଭ




ପାନୀୟ ଜଳ ଯୋଗାଇ ଦେବା ଦାବିରେ ସିପିଆଇଏମ ପକ୍ଷରୁ ବିକ୍ଷୋଭ କରାଯାଉଛି।

ରାଉରକେଲା ଅଫିସ,୨୬।୪

ଦେଓଗାଁ ଅଞ୍ଚଳର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବା ଦାବିରେ ସିପିଆଇଏମ ଦେଓଗାଁ ଶାଖା କମିଟି ପକ୍ଷରୁ ରାଉରକେଲା ମହାନଗର ନିଗମ(ଆରଏମସି) ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଜିକୁ ପ୍ରାୟ ୧୦ ଦିନ ଧରି ଦେଓଗାଁ ଅଞ୍ଚଳରେ ଜଳ ଯୋଗାଣ ବନ୍ଦ ହୋଇଯିବା ଯୋଗୁଁ ସେଠାରେ ଜଳ ସଙ୍କଟ ଦେଖାଦେଇଛି। ଉକ୍ତ ଅଞ୍ଚଳବାସୀମାନେ ପାଣିଟୋପାଏ ପିଇବା ପାଇଁ ୪୦ ଡିଗ୍ରୀ ଖରାରେ ଲମ୍ବା ଲାଇନ କରି ଅପେକ୍ଷା କରିବାକୁ ପଡୁଛି। ଦେଓଗାଁକୁ ଜଳଯୋଗାଣ ହୋଇଥିବା ପାଇପ କୌଣସି କାରଣରୁ ଫାଟିଯିବା ଯୋଗୁ ଆଜିକୁ ୧୦ ଦିନ ଧରି ପାଣି ଆସୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ଆରଏମସି ପକ୍ଷରୁ ଅଧିକ ପାନୀୟ ଜଳ ଟ୍ୟାଙ୍କର ଯୋଗାଇ ଦେବା, ଟ୍ୟୁବଲ ଗୁଡିକ ମରାମତି କରିବା ସହ ଜଳଯୋଗାଣ ପାଇପ କାମକୁ ତୁରନ୍ତ ମରାମତି କରିବା ପାଇଁ ଦେଓଗାଁ ଅଞ୍ଚଳବାସୀ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମସିର କମିସନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଦାବି କରିଥିଲେ। ଏହି ବିକ୍ଷୋଭରେ ସିପିଆଇଏମ ଆଞ୍ଚଳିକ କମିଟିର ସମ୍ପାଦକ ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ଚନ୍ଦ୍ରଭାନୁ ଦାସ, ଶିବ ପ୍ରଧାନ, ମନୋଜ ସାହୁ, ସୁରୁ ଦାସ, ରାଜା ମଣି, ଜ୍ୟୋତି ମେହେ. ଦେବକୀ ମୁଣ୍ଡା, ସୁଶୀଳା ମହାନ୍ତି, ସୁନିତା ମେହେରଙ୍କ ସହ ସ୍ଥାନୀୟ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହରସେବା ସିଜିଏମ୍‌ଙ୍କ ସହ ଆଲୋଚନା



ରାଉରକେଲା ଅଫିସ,୨୬।୪

ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ନୂତନ ଭାବେ ଆରଏସପିର ସହରସେବା ବିଭାଗରେ ସିଜିଏମ ଭାବେ ଯୋଗଦେଇଥିବା ପି.କେ ସ୍ୱାଇଁଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ରାଉରକେଲା ଇସ୍ପାତ କାରଖାନା ଯେଉଁଭଳି ଭାବେ ବିଭିନ୍ନ ଦିଗରେ ଉନ୍ନତି ଶିଖରେ ଆଗେଇଛି ସେଥିଭଳି ଭାବେ ସହରସେବା ବିଭାଗ ମଧ୍ୟ ତାର କାର୍ଯ୍ୟକୁ ବଜାଇ ରଖିବାକୁ ମହାନ୍ତି ଆଶାବ୍ୟକ୍ତ କରିଥିଲେ। ସହରସେବା ବିଭାଗ ବିଶେଷକରି ବିଭିନ୍ନ ଘର ସହିତ ରାସ୍ତାଘାଟ ଉନ୍ନତିକରଣ, କମ୍ୟୁନିଟିସେଣ୍ଟର, ପାର୍କ ତଥା ସାମାଜିକ କାର୍ଯ୍ୟପାଇଁ ମଣ୍ଡପ କାର୍ଯ୍ୟର ଉନ୍ନତିକରଣ ପାଇଁ ସ୍ୱାଇଁଙ୍କ ସହ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏନେଇ ପି.କେ ସ୍ୱାଇଁ ସମସ୍ତ ପ୍ରକାର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବେ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସାଧାରଣ ସମ୍ପାଦକ ବସନ୍ତ ନାୟକ, ବିମାନ ମାଇତି, ଶିବରାମ ବେହେରା, ବିଶ୍ୱରଞ୍ଜନ ମଲ୍ଲିକ, ପ୍ରଦୋଷ ପରିଡା, ଯଜ୍ଞେଶ୍ୱର ସାହୁ, ସନ୍ତୋଷ ବେହେରା, ସଂଗ୍ରାମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ସହରାଞ୍ଚଳ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ଦେବଗଡ଼,୨୬।୪(ଡି.ଏନ୍.ଏ.)



ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ମିଳିତ ସହଯୋଗରେ ଦେବଗଡ଼ ପୌରାଞ୍ଚଳ ନିଳବେଣ୍ଢୀସାହିସ୍ଥିତ ପୁରାତନ କୁଷ୍ଠାଶ୍ରମ କୋଠାରେ ବୁଧବାର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ପ୍ରାୟତଃ କୁଷ୍ଠରୋଗୀ ଶୂନ୍ୟ ହୋଇପଡ଼ିଥିବା ଉକ୍ତ କୁଷ୍ଠାଶ୍ରମ କୋଠାର ପୁନରୁଦ୍ଧାର କରାଯାଇ ସେଠାରେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସ୍ଥାପନ କରାଯାଇଥିବାବେଳେ ଏହାକୁ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରଦୀପ ପ୍ରଜ୍ୱଳନ ସହିତ ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଦ୍ୟ ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ପରିଚାଳନା ଦାୟିତ୍ୱ ମାଲକାନଗିରି ଜିଲାର ସାମାଜିକ ଅନୁଷ୍ଠାନ 'ଗୋପବନ୍ଧୁ ଉନ୍ନୟନ ସମିତି'କୁ ପ୍ରଦାନ କରାଯାଇଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ସେଠାରେ ଜଣେ ଡାକ୍ତର, ଜଣେ ଷ୍ଟାଫନର୍ସ ଓ ଜଣେ ଲ୍ୟାବୋରେଟୋରୀ ଟେକନିସିଆନଙ୍କୁ ନିଯୁକ୍ତି ଦିଆଯାଇଛି। ପରୀକ୍ଷା ନିରୀକ୍ଷା ନିମନ୍ତେ ସେଠାରେ ଏକ ପରୀକ୍ଷା ଗାର ଏବଂ ଆବଶ୍ୟକ ଯନ୍ତ୍ରପାତି ସ୍ଥାପନା କରାଯାଇଛି। ରୋଗୀ ସେବା ସହିତ ସେହିପରି ବିଭିନ୍ନ ରୋଗର ଚିକିତ୍ସା ଏବଂ ନିରାକରଣ ସହ ଫିଜିଓଥେରାପୀ ଏବଂ ଯୋଗ ପ୍ରାଣାୟାମର ମଧ୍ୟ ବ୍ୟବସ୍ଥା ରହିଛି। ନିକଟ ଭବିଷ୍ୟତରେ ଏହାର ପରିସରରେ ଏକ ଓପନ ଜିମ ସ୍ଥାପନା ପାଇଁ ମଧ୍ୟ ନିଷ୍ପତି ନିଆଯାଇଥିବା ମୁଖ୍ୟ ଅତିଥି ତଥା ଜିଲାପାଳ ଉପାଧ୍ୟାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦେବଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମାନିତ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଉମେଶ ପ୍ରସାଦ ଷଡଙ୍ଗୀ, ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ମାହାନ୍ତ,ଡାକ୍ତର ପ୍ରଭାତ କୁମାର ଓଝା, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଓ ପରିଚାଳନା ଦାୟିତ୍ୱରେ ଥିବା 'ଗୋପବନ୍ଧୁ ଉନ୍ନୟନ ସମିତି'ର ସମ୍ପାଦକ ଦେବେନ୍ଦ୍ର ବାରିକଙ୍କ ସମେତ ଏକାଧିକ ଡାକ୍ତର ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

